## ସଂକ୍ଷେପରେ

### ସ୍ୱାଭିମାନ ଅଞ୍ଚଳରେ ଗଣେଶ ମନ୍ଦିର, ଗ୍ରାମ ହୁଣ୍ଡି ଶୁଭାରମ୍ଭ

ଚିତ୍ରକୋଣ୍ଡା,୨୬।୫(ଡି.ଏନ.ଏ.)-ମୁଖ୍ୟମନ୍ତ୍ରୀଙ୍କ ଭାବଧାରାକୁ ଚରିତାର୍ଥ କରିବାକୁ ଗାଁ ଗାଁରେ ଜନହିତକର କାର୍ଯ୍ୟ ତଥା ବିକାଶ ଲକ୍ଷ୍ୟରେ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିସି ଚେୟାରମ୍ୟାନ ପ୍ରଦୀପ କୁମାର ମାଝିଙ୍କ ତତ୍ତ୍ୱାବଧାନରେ ମାଲକାନଗିରି ଏସ୍‌ଡିସି ଚେୟାରମ୍ୟାନ ଆଡମା ରାବାଙ୍କ ନେତୃତ୍ୱରେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଓବାଦୀ ଉପଦ୍ରୁତ ଆଦିବାସୀ ବହୁଳ ଉପାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ପଣଷପୁଟଠାରେ ବୁଧବାର ଗଣେଶ ମନ୍ଦିର ଏବଂ ଗ୍ରାମହୁଣ୍ଡି ମନ୍ଦିର କାର୍ଯ୍ୟ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ଆଡମା ରାବା, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ, ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ, ପର୍ଯ୍ୟବେକ୍ଷକ ବିନୋଦ ସାମନ୍ତରାୟ, ଅବ୍‌ଜରଭର ବିଜିତ ସିଙ୍ଗ, ଚିତ୍ରକୋଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି କମଲୁ ହନ୍ତାଳ, ଚିତ୍ରକୋଣ୍ଡା ଯୁବ ସଭାପତି ରାଜ କମଳ ପୁରୋହିତ, ଯୋଡ଼ାମ୍ବ ସରପଞ୍ଚ ପିଙ୍କି ହନ୍ତାଳଙ୍କ ସମେତ ଗ୍ରାମବାସୀଙ୍କ ଉପସ୍ଥିତିରେ ପଣଷପୁଟ ଗ୍ରାମରେ ଗଣେଶ ମନ୍ଦିର ଉଦ୍‌ଘାଟନ ହେବା ସହିତ ବେଜିଙ୍ଗ ଗ୍ରାମ ଏବଂ ଯୋଡ଼ାମ୍ବରେ ଗ୍ରାମ ହୁଣ୍ଡି ମନ୍ଦିରର ଶୁଭ ଉଦ୍‌ଘାଟନ କରାଯାଇଥିଲା ।

### ମାନସିକ ଅନଗ୍ରସର ବୁଦୁରାମ କଲିକତାରୁ ଉଦ୍ଧାର

କୋରାପୁଟ, ୨୬।୫(ସ୍ୱ.ପ୍ର.)- ମାନସିକ ରୋଗରେ ପୀଡିତ ହୋଇ କଲିକତା ସହରର ନରେନ୍ଦ୍ରପୁରରେ ବୁଲୁଥିବା କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅଧୀନ ରଣସପୁର ଗ୍ରାମର ବୁଦୁରାମ ଗଣ୍ଡଙ୍କୁ କୋରାପୁଟ ଜିଲା ପ୍ରଶାସନ ଫେରାଇ ଆଣିଛି। ସେ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ସେଠାରେ ଥିଲେ। କଲିକତାର ଡିପ୍ରେସନ୍ ଚାରିଟେବଲ ଟ୍ରଷ୍ଟ ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ଏକ ଭିଡିଓ ପ୍ରସ୍ତୁତ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ। କୋରାପୁଟ ଜିଲା ପ୍ରଶାସନ ନଜରକୁ ଏହା ଆସିବା ପରେ ସେମାନେ ଏକ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ୨୩ ତାରିଖରେ କଲିକତାକୁ ଗସ୍ତ କରିଥିଲା। ସେଠାରୁ ବୁଦୁରାମଙ୍କୁ ଆଣି ଶୁକ୍ରବାର କୋରାପୁଟରେ ପହଞ୍ଚିଥିଲେ। ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ତାଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଉପବିଭାଗ, ଆରକ୍ଷୀ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ଏନ୍‌ଜିଓ ଏକତା ସହାୟତାରେ ଜିଲାପାଳଙ୍କ ଆଦେଶକ୍ରମେ ବୁଦୁରାମ ଗଣ୍ଡଙ୍କୁ ଉଦ୍ଧାର କରାଯାଇ ଥିଲା।

# ବାଲ୍ୟବିବାହ ସଚେତନତା ବୈଠକ

ରାୟଗଡ଼ା ଅଫିସ,୨୬।୫



ବୈଠକରେ ବାଲ୍ୟବିବାହ ସଚେତନତା ଉପରେ ଆଲୋଚନା କରାଯାଉଛି ।

ବାଲ୍ୟବିବାହ ରୋକିବା ନିମନ୍ତେ ଜାତିକୁଳ ସମାଜର ମୁଖ୍ୟମାନଙ୍କୁ ନେଇ ରାୟଗଡ଼ା ବିଡିଓଙ୍କ ସଭାଗୃହରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଅନେକ ସମୟରେ ଝିଅମାନେ କମ୍ ପାଠ ପଢ଼ି ରହିଯାଉଛନ୍ତି। ସରକାରୀସ୍ତରରେ ଅନେକ ସୁବିଧା ଥାଇ ମଧ୍ୟ ପାଠ ପଢ଼ିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ବାଲ୍ୟବିବାହ ଏବଂ ଘରେ କାମକରି ରହିଥାନ୍ତି। କିନ୍ତୁ କେତେବେଳେ କେଉଁଠିକି ଚାଲାଣ ହୁଅନ୍ତି ତ କିଏ ଦାଦନ ଖଟିବାକୁ ଯାଆନ୍ତି। କମ୍ ବୟସରେ ବିବାହକରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଏନେଇ ଗ୍ରାମର ମୁଖିଆମାନଙ୍କୁ ସଚେତନ କରିବାକୁ ପଡ଼ିବ ବୋଲି ଆଲୋଚନା କରାଯାଇଥିଲା। କମ୍ ବୟସରେ ବିବାହ। ବାଲ୍ୟବିବାହକୁ ନା କହି ପାଠ ପଢ଼ିବାକୁ ହଁ କହିବା ଏନେଇ ସଚେତନତା ସୃଷ୍ଟି କରିବା ବୋଲି ଆକ୍ସନଏଡ୍ ସଂଯୋଜକ ରତନେଶ୍ୱର ସାହୁ ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇଥିଲେ। ଯଦି ନିଜ ଅଞ୍ଚଳରେ ବାଲ୍ୟବିବାହ ହେଉଥିବା ଦେଖିବାକୁ ପାଇବେ ତୁରନ୍ତ ଅଙ୍ଗନୱାଡି କର୍ମୀ, ସିଡିପିଓ ଏବଂ ଶିଶୁ ମଙ୍ଗଳ କମିଟିକୁ ଜଣାଇବାକୁ କୁହାଯାଇଥିଲା।

ବିବାହ ପୂର୍ବରୁ ଖବର ପାଇବାକୁ ଚେଷ୍ଟା କରନ୍ତୁ, କାରଣ ବିବାହ ହେବା ସମୟରେ ବିବାହ ରୋକାଗଲେ ସମ୍ମାନହାନି ଘଟୁଛି ବୋଲି ସୁରକ୍ଷା ଅଧିକାରୀ କାମାକ୍ଷୀ ପାଢ଼ୀ କହିଛନ୍ତି । ଝିଅକୁ ୧୮, ପୁଅକୁ ୨୧ ବର୍ଷ ପୂର୍ବରୁ ବିବାହ ପାଇଁ ପଞ୍ଚାୟତସ୍ତରରେ ଥିବା କମିଟିଗୁଡିକ ଏହାର ତଥ୍ୟ ରଖୁ ନାହାନ୍ତି ବୋଲି ଗୁଡ଼ାରି ଗ୍ରାମ ମୁଖ୍ୟ ଅଭିଯୋଗ କରିଛନ୍ତି। ଆଜି ସୁଦ୍ଧା ଜିଲାରେ କେତେ ମହିଳା ବାଲ୍ୟବିବାହ କରୁଛନ୍ତି ତାହାର ତଥ୍ୟ ରଖାଯାଇ ନାହିଁ। ବଡ଼ କଥା ହେଲା ଉଦୁଲିଆ ପ୍ରଥା ରାୟଗଡ଼ା ଜିଲାରେ ଦେଖିବାକୁ ମିଳୁଛି। ପିଲାମାନେ ନିଜେ ପସନ୍ଦକରି ପୁଅ ସାଙ୍ଗେ ଚାଲିଯାଉଛନ୍ତି। ତେଣୁ ଗ୍ରାମାଞ୍ଚଳରେ ପାଠ ପଢ଼ିବାକୁ ସଚେତନତା ସୃଷ୍ଟି କରିବାକୁ କୁହାଯାଇଥିଲା। ଝିଅମାନେ ଅବିବାହିତ ହୋଇ ମା'ହେବା ଦ୍ୱାରା ସମାଜ ଏବଂ ଜାତିରେ ଅସୁବିଧା ଯୋଗୁ ସେହି ପିଲାମାନଙ୍କୁ ଏଣେ ତେଣେ ଛାଡ଼ି ଦେଉଛନ୍ତି। ତେଣୁ ସରକାରଙ୍କୁ ସେହି ଛୁଆକୁ ଦେଇପାରିବେ ବୋଲି ଶିଶୁ ମଙ୍ଗଳ କମିଟି ଅଧକ୍ଷା ବିଦୁ୍ୟଲତା ହୁଇକା କହିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ମମତା ସାହୁ, ଡିଏସ୍‌ପି ଉଲ୍ଲାସ ମାଝି ଓ ସୁରକ୍ଷା ଅଧିକାରୀ କାମାକ୍ଷୀ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସିଡିପିଓ ଏବଂ ସମସ୍ତ ଜାତି ସମାଜର ମୁଖିଆ ଉପସ୍ଥିତ ଥିଲେ ।

# ଘରୋଇ ବିଦ୍ୟାଳୟଗୁଡ଼ିକ ଦେଉ ନାହାନ୍ତି ଜିଏସ୍‌ଟି

ରାୟଗଡ଼ା,୨୬।୫(ସ୍ୱ.ପ୍ର.)

ରାୟଗଡ଼ା ଜିଲାରେ ଥିବା ଏକ ଘରୋଇ ବିଦ୍ୟାଳୟଗୁଡ଼ିକରେ ଜିଏସ୍‌ଟି ଠକେଇ ହେଉଥିବା ଜଣାପଡ଼ିଛି। ହେଲେ ଏନେଇ ଜିଲା ଶିକ୍ଷା ବିଭାଗ ଏବଂ ଜିଏସ୍‌ଟି ବିଭାଗ ପକ୍ଷରୁ କୌଣସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ସୂଚନାଯୋଗ୍ୟ, ଜିଲାରେ ଥିବା ପ୍ରତ୍ୟେକ ଘରୋଇ ବିଦ୍ୟାଳୟ ନିଜ ବିଦ୍ୟାଳୟ ଲୋଗୋ ସହିତ ବହି, ଖାତା, ପେନ୍, ପେନସିଲ୍ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ୟୁନିଫର୍ମ ବିକ୍ରି କରିଥାନ୍ତି। ପିଲାଙ୍କଠାରୁ ଏବାବଦରେ ମୋଟା ଅଙ୍କର ଟଙ୍କା ମଧ୍ୟ ଆଦାୟ କରିଥାନ୍ତି । ହେଲେ ଉକ୍ତ ସାମଗ୍ରୀ ଉପରେ କୌଣସି ପ୍ରକାର ଜିଏସ୍‌ଟି କର ଜମା କରୁନଥିବା ଜଣାପଡ଼ିଛି। ଘରୋଇ ବିଦ୍ୟାଳୟଗୁଡ଼ିକ ଏହି ସବୁ ସାମଗ୍ରୀ ପାଇଁ ପିଲାଙ୍କଠାରୁ ଟଙ୍କା ନେଉଥିବା ବେଳେ ସେମାନଙ୍କୁ ଏନେଇ କୌଣସି ବିଲ୍ ମଧ୍ୟ ପ୍ରଦାନ କରୁନାହାନ୍ତି । ଫଳରେ ବିଦ୍ୟାଳୟଗୁଡ଼ିକ ବ୍ୟାପକ ଜିଏସ୍‌ଟି ଠକେଇ କରିବାରେ ସୁବିଧା ହେଉଛି । ବାହାର ରାଜ୍ୟର ବିଭିନ୍ନ ବଡ଼ ବଡ଼ ସହରର ନିର୍ମାତାଙ୍କଠାରୁ ଖାତା, ପେନ୍, ବହି ଆଦି କମ୍ ଦାମରେ ଆଣି ପିଲାମାନଙ୍କୁ ଚଢ଼ା ଦରରେ ବିକ୍ରି କରୁଥିବା ବେଳେ ସେମାନଙ୍କୁ କୌଣସି ପ୍ରକାର ବିଲ୍ ନ ଦେଇ କେବଳ ସ୍କୁଲ ଫିସ୍ ବାବଦକୁ ଏକ ରସିଦ ଦେଇ ଦିଅନ୍ତି । ଜିଏସ୍‌ଟି ନିୟମାବଳୀ ଅନୁଯାୟୀ, ଯଦି କୌଣସି ବିଦ୍ୟାଳୟ କେବଳ ଶିକ୍ଷାଦାନ କରିଥାନ୍ତି ତେବେ ସେଥିପାଇଁ ଜିଏସ୍‌ଟି ପଞ୍ଜୀକରଣର ଆବଶ୍ୟତକା ନାହିଁ। କିନ୍ତୁ ଯଦି ଗୋଟିଏ ଶିକ୍ଷାନୁଷ୍ଠାନ ଶିକ୍ଷାଦାନ ବ୍ୟତୀତ ଛାତ୍ରଛାତ୍ରୀଙ୍କୁ ଅନ୍ୟ କୌଣସି ସାମଗ୍ରୀ ବିକ୍ରି କରୁଥିଲେ ଜିଏସ୍‌ଟି ପଞ୍ଜୀକରଣର ଆବଶ୍ୟକତା ରହିଛି । ହେଲେ ଏହି ନିୟମକୁ ଫୁଙ୍କ କରି ଜିଲାର ଘରୋଇ ବିଦ୍ୟାଳୟଗୁଡ଼ିକ କୌଣସି ପ୍ରକାର ଜିଏସ୍‌ଟି ପଞ୍ଜୀକରଣ କରୁନଥିବା ଜଣାପଡ଼ିଛି । ଏଣୁ ଏନେଇ ଜିଲା ପ୍ରଶାସନ ସମେତ ଜିଲା ଶିକ୍ଷା ବିଭାଗ ଓ ଜିଏସଟି ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର, ଆଶାବାଡି ପ୍ରଦାନ

ଟିକିରି,୨୬।୫(ଡି.ଏନ.ଏ.)

ରାୟଗଡ଼ା ଜିଲା କାଶୀପୁରଠାରେ ତାଲୁକା ଆଇନ ସେବା ସମିତି ଓ କାଶୀପୁର ବ୍ଲକ ପକ୍ଷରୁ ୪ ଦିବ୍ୟଙ୍ଗଙ୍କୁ ହ୍ୱିଲ ଚେୟାର ୩ ଚକ୍ଷୁହୀନ ବ୍ୟକ୍ତିଙ୍କୁ ଆଶାବାଡ଼ି, ତାଲୁକା ଆଇନ ସେବା ସମିତି ଓ କାଶୀପୁର ବ୍ଲକ ପକ୍ଷରୁ ମିଳିତ ଭାବେ ପ୍ରଦାନ କରାଯାଇଛି । ଚଳିତ ମାସ ୨୨ ତାରିଖରୁ ୨୯ ପର୍ଯ୍ୟନ୍ତ ସାରା ରାଜ୍ୟରେ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହେଇଯାଇଥିବା ବେଳେ ଗୁରୁବାର କାଶୀପୁର ବ୍ଲକ ସାମାଜିକ ସୁରକ୍ଷା କର୍ମଚାରୀଙ୍କ ସହିତ କାଶୀପୁର ଜେଏମ୍‌ଏଫସି ଅଦାଲତ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଜେଏମଏଫସି ତଥା କାଶୀପୁର ତାଲୁକା ଆଇନ ସେବା ସମିତି ଅଧ୍ୟକ୍ଷ ଶୋଭନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ସମିତି ଅଧିକାରୀ ରମାକାନ୍ତ କୁମ୍ଭାରିକା, କାଶୀପୁର ଓକିଲ ସଂଘ ସଭାପତି କହ୍ନେଇ


ଶିବିରରେ ଯୋଗ ଦେଇଥିବା ଦିବ୍ୟାଙ୍ଗ ଓ ଅନ୍ୟମାନେ ।

ଲାଲ ଜୈନ ଓ ଏପିପି କର୍ମ ଚାନ୍ଦ ପ୍ରଧାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କାଶୀପୁର ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରଶିଳା ଗ୍ରାମର ଚକ୍ଷୁହୀନଙ୍କ ମଧ୍ୟରୁ ଶକୁନ୍ତଳା କୁମ୍ଭାର, ରାମୁଲୁ କୁମ୍ଭାର, ସମ୍ବାରୀ କୁମ୍ଭାରଙ୍କୁ ଆଶାବାଡି ପ୍ରଦାନ କରାଯାଇଥିବା ବେଳେ ୩ ଦିବ୍ୟାଙ୍ଗଙ୍କ ମଧ୍ୟରୁ ରାଧିକା କୁମ୍ଭାର, ଚଇତି କୁମ୍ଭାର ଅନ୍ୟ ଏକ ଦିବ୍ୟଙ୍ଗଙ୍କ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ସେହିପରି ତଳଝିରି ପଞ୍ଚାୟତ ଅନ୍ତର୍ଗତ ଉପର ପାଡିଖାଲ ଗ୍ରାମର ସବାମଣି ନାଏକଙ୍କୁ ଏକ ହ୍ୱିଲ ଚେୟାର ପ୍ରଦାନ କରାଯାଇ ଥିଲା। କାର୍ଯ୍ୟକ୍ରମରେ ଅନ୍ୟ କର୍ମଚାରୀମାନଙ୍କ ମଧ୍ୟରେ ଜେମେଏଫସିଙ୍କ ପକ୍ଷରୁ ସୂର୍ଯ୍ୟକାନ୍ତ ସାହୁ,ସନ୍ତୋଷ କୁମାର ନାୟକ, ଯଶୋବନ୍ତ କୁମ୍ଭାର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଜନ ପ୍ରତିନିଧିଙ୍କ ଆଲୋଚନା

କୋରୁକୋଣ୍ଡା,୨୬।୫(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ମନ୍ଦିରର ଉନ୍ନତିକରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ୧୪କୋଟି ୫ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ପୁରୁଣା ଓର୍କେଲ ନୀଳକଣ୍ଠେଶ୍ୱର ମନ୍ଦିର ପାଇଁ ୧୫ଲକ୍ଷର ଅନୁଦାନ ଆସିଥିବା ଜଣାପଡିଛି। ମନ୍ଦିରଟି ବହୁ ପ୍ରାଚୀନ ହୋଇଥିଲେ ମଧ୍ୟ ଅବହେଳିତ ହୋଇ ରହିଥିବା ବେଳେ ବର୍ତ୍ତମାନ ସରକାରଙ୍କ ସହାୟତାରେ ଏହାର ଉନ୍ନତି କରଣ ପାଇଁ ଶୁକ୍ରବାର ବ୍ଲକ ପ୍ରଶାସନ ସମେତ ଜନପ୍ରତିନିଧି ଯାଇ ମନ୍ଦିର କମିଟି ସହିତ ଆଲୋଚନା କରିଛନ୍ତି। ସୂଚନା ଥାଉକି ଦୁଇ ମାସ ପୂର୍ବେ ୫-ଟି ସଚିବ ଭି.କେ. ପଣ୍ଡିଆନ ଦୁଇଦିନିଆ ମାଲକାନଗିରି ଗ୍ରସ୍ତ ସମୟରେ ଜିଲାର ବିଭିନ୍ନ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ ବୁଲି ଏହାର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଏନେଇ ଜିଲାର ବହୁ ମନ୍ଦିର କମିଟି ପଣ୍ଡିଆନଙ୍କୁ ଭେଟି ମନ୍ଦିରର ଉନ୍ନତି କରଣ ନିମନ୍ତେ ଆବେଦନ ପତ୍ର ପ୍ରଦାନ କରିଥିଲେ। ପଣ୍ଡିଆନ ଧର୍ମାନୁଷ୍ଠାନଗୁଡିକର ଉନ୍ନତି କରଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଗଠନର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର


ଦାବିପତ୍ର ପ୍ରଦାନ କରାଯାଉଛି ।

ରାୟଗଡ଼ା ଅଫିସ,୨୬।୫

ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଗଠନର ସଦସ୍ୟ ବିଭିନ୍ନ ଦାବି ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ଚିକିତ୍ସା ଭତ୍ତା ଓ ସୁବିଧା ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା,୨୦୧୭ରେ ଉଚ୍ଛେଦ ହୋଇଥିବା ସାଧାରଣ ଅଭିଯୋଗ ଓ ପେନ୍‌ସନ ବିଭାଗକୁ ପୁନଃ ଅବସ୍ଥାପିତ କରିବା, ରେଳଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ମିଳୁଥିବା ରିହାତିର ପୁନଃ ପ୍ରଚଳନ ଓ ମୋ ବସ୍ ଭଳି ରାଜ୍ୟର ଅନ୍ୟ ସମସ୍ତ ବସ୍‌ରେ ରିହାତି ପ୍ରଦାନ, ବ୍ୟାଙ୍କ ସୁଧରେ ପେନ୍‌ସନରଙ୍କୁ ରିହାତି, ୭ମ ବେତନ ସୁପାରିସ ଭିତ୍ତିରେ ୯ହଜାର ଟଙ୍କା କେନ୍ଦ୍ର ଅନୁରୂପ ପେନ୍‌ସନ ପ୍ରଦାନ, କ୍ୱାଲିଫାଇଂ ସର୍ଭିସ୍ ୨୦ ବର୍ଷକୁ ହ୍ରାସ କରିବା, ଇପିଏଫ୍ ପେନସନଧାରୀଙ୍କୁ ସର୍ବନିମ୍ନ ୯ ହଜାର ଟଙ୍କା ପ୍ରଦାନ, ନୂତନ ପେନ୍‌ସନ ସ୍କିମ୍ ବାତିଲକରି ପୁରୁଣା ସ୍ଥିରୀକୃତ ପେନ୍‌ସନ ଲାଗୁ କରିବା, ଫେବୃୟାରୀ ୨୮, ୨୦୦୪ ପୂର୍ବରୁ ଓ ପରେ ଅବସର ନେଇଥିବା ଶିକ୍ଷକଙ୍କୁ ଅନ୍‌ଅଥରାଇଜଡ୍ ଦରମା ପ୍ରଦାନ, କରୋନା ସମୟର ଜାନୁୟାରୀ ୨୦୨୦ରୁ ଜୁନ୍ ୨୦୨୧ ପର୍ଯ୍ୟନ୍ତ ୧୮ ମାସର ବକେୟା ମହଙ୍ଗା ଭତ୍ତା ପ୍ରଦାନ ପାଇଁ ଦାବି କରାଯାଇଛି। ଏଥିରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରୀସ୍ତରରେ କାର୍ଯ୍ୟରତ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ନିରଞ୍ଜନ ନାୟକ, ସମ୍ପାଦକ ଏଲ୍‌ଆର୍‌ଏମ୍ ପଟ୍ଟନାୟକ ଏବଂ ଅନ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଦସ୍ୟ ଉପସ୍ଥିତ ରହି ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କୁ ପ୍ରଦାନ କରିଥିଲେ ।

# ଦୁବାଇ ଫେରନ୍ତା ଉଦ୍ୟୋଗୀ ସମ୍ବର୍ଦ୍ଧିତ

ରାୟଗଡ଼ା ଅଫିସ,୨୬।୫

ସ୍ୱୟଂ ସହାୟକ ଗୋଷ୍ଠୀରୁ ଉଦ୍ୟୋଗୀ ଅଭିଜ୍ଞତା ସମ୍ବନ୍ଧୀୟ ରାୟଗଡ଼ାରୁ-ଦୁବାଇ କର୍ମଶାଳା ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ମିଶନ ଶକ୍ତି ଓ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ମିଶନ ଶକ୍ତି ସଭାପତି ତଥା ଜଣେ ଉଦ୍ୟୋଗୀ କୁମାରୀ ପାଲକା ଦୁବାଇ ଯାଇ ଫେରିଛନ୍ତି। ଏହାପରେ ସେ ନିଜ ଅଭିଜ୍ଞତା ସମ୍ପର୍କରେ ଅନ୍ୟ ମିଶନ ଶକ୍ତି ମା'ମାନଙ୍କୁ ଜଣାଇଛନ୍ତି। ଓଡ଼ିଶାର ୧୦ ଜିଲାର ଉଦ୍ୟୋଗୀ ଯାଇଥିଲେ। ସେଥିରେ ରାୟଗଡ଼ା



ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଜିଲାରୁ କୁମାରୀ ପାଲକା ରହିଛନ୍ତି। ରାୟଗଡା ପାଇଁ ଗୌରବର ବିଷୟ ବୋଲି ଅତିରିକ୍ତ ଜିଲାପାଳ କହିବା ସହ ଦୁବାଇରେ ମିଶନ ଶକ୍ତି ମା'ମାନେ କିପରି ସ୍ୱାବଲମ୍ବୀ ହୋଇଛନ୍ତି ସେନେଇ ନିଜେ ନିଜ ଅନୁଭୂତି କଥା କହିଛନ୍ତି ପାଲକା। ଏସ୍‌ଏଚ୍‌ଜି ମହିଳାରୁ ଏସ୍‌ଏମ୍‌ଇ ହେବା ପାଇଁ ଏହା ପ୍ରେରଣା ଦେବ ବୋଲି କହିଛନ୍ତି। ସବୁ ମହିଳା ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ରୋଜଗାର ଦେବା ଲକ୍ଷ୍ୟ ରାଜ୍ୟ ସରକାର ରଖିଛନ୍ତି। ଏହି ମହିଳା ଜଣକ ଅନ୍ୟଙ୍କ ପାଇଁ ପ୍ରେରଣା ହୋଇପାରିଥିବା କହିଛନ୍ତି ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ।

# ମୃତ୍ତିକା ନମୁନା ସଂଗ୍ରହ ତାଲିମ

ଚନ୍ଦ୍ରପୁର/ରାୟଗଡ଼ା, ୨୬।୫(ଡି.ଏନ୍.ଏ/ସ୍ୱ.ପ୍ର.)

ମୃର୍ତ୍ତିକା ନମୂନା ସଂଗ୍ରହ, ବିହନ ଓ ସାରକୁ ଚାଷ ପୂର୍ବରୁ ସଂଗ୍ରହ କରିବା ଉପରେ ଏକ ତାଲିମ ଶିବିର ଡାଙ୍ଗସୋରଡ଼ା ଏଫଆଇଏସିଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଏଥିରେ ଚନ୍ଦ୍ରପୁର ବ୍ଲକର ୫୦ଚାଷୀ ଉପସ୍ଥିତ ରହି ତାଲିମ ନେଇଥିଲେ। ଜିଲା କୃଷି ଅଧିକାରୀ ଅଜୟ କୁମାର ନାୟକ, ବ୍ଲକ କୃଷି ଅଧିକାରୀ ଘନଶ୍ୟାମ ହାଇବ୍ର, ଡାଙ୍ଗସୋରଡ଼ା କୃଷି ଅଧିକାରୀ ରଜନୀ କାନ୍ତ ମିଶ୍ର, ହନୁମନ୍ତପୁର କୃଷି ଅଧିଦର୍ଶକ ଉଦୟ ଚନ୍ଦ୍ର ନିମାଲପୁରି, ବୁଡୁବାଲି ଓ ଚନ୍ଦ୍ରପୁର କୃଷି ଅଧିଦର୍ଶକ



ଦାଶ ଗମାଙ୍ଗ ଓ ରଞ୍ଜିତ ଗମାଙ୍ଗ ଉପସ୍ଥିତ ଥିଲେ। ଉପସ୍ଥିତ ଚାଷୀଙ୍କୁ ରାସାୟନିକ ସାର ଓ ମୃର୍ତ୍ତିକା ପରୀକ୍ଷା ବିଷୟରେ ଜିଲା କୃଷି ଅଧିକାରୀ ନାୟକ ପରାମର୍ଶ ଦେଇଥିଲେ । ଅପରପକ୍ଷରେ ଗୋ ସୁଗମ ପୋର୍ଟାଲ ଦ୍ୱାରା ବିହନ ଆଗୁଆ ବୁକିଂ ବିଷୟରେ ମିଶ୍ର ଚାଷୀଙ୍କୁ ବୁଝାଇଥିଲେ ।

# ମଣିଂ, ଟିଆର ସାହିରେ ଠାକୁରାଣୀ ପର୍ବ ଆରମ୍ଭ

ଗୁଣପୁର,୨୬।୫(ଡି.ଏନ୍.ଏ.)

- ରବିବାର, ମଙ୍ଗଳବାର ବେଜୁନାଚ
- ୫ ଦିନ ଧରି ପୂଜା ପାଇବେ ମା'

ରାୟଗଡ଼ା ଜିଲା ଗୁଣପୁର ସହରର ମଣିଂ ଓ ଟିଆର ସାହିରେ ଶୁକ୍ରବାରଠାରୁ ଠାକୁରାଣୀ ପର୍ବ ଆରମ୍ଭ ହୋଇଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ପର୍ବର ପ୍ରଥମ ଦିନରେ ସକାଳୁ ଉଜୁଡି ଖେଦା କାର୍ଯ୍ୟକ୍ରମ ସହ କାଞ୍ଜିପୁଟି ମା'ଙ୍କ ନିକଟରେ ବେଜୁନାଚ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଦୁଇ ସାହି ବାସିନ୍ଦା ଶତାଧିକ ସଂଖ୍ୟାରେ ବାହାରି ବିରାଟ ଶୋଭାଯାତ୍ରାରେ କୁମ୍ଭାର ନିକଟକୁ ଯାଇ ଘଟହାଣ୍ଡି ଆଣିଥିଲେ। ପୁରୀର ନୃତ୍ୟଦଳ ସାଙ୍ଗକୁ ଆନ୍ଧ୍ର ଭିମ୍ ବାରମ୍ ବାଦ୍ୟର ତାଳେ ତାଳେ ସମସ୍ତେ ଝୁମିଥିଲେ। ବିଳମ୍ବିତ ରାତିରେ ମା' ଗ୍ରାମଦେବୀଙ୍କ ମନ୍ଦିରକୁ ଯାଇ ସେଠାରୁ ବେଜୁନାଚ ଦ୍ୱାରା ସାହାର ଅସ୍ଥାୟୀ ପୂଜା ମଣ୍ଡପକୁ ମା' ଆସି ପାଞ୍ଚଦିନ ଧରି ପୂଜା ପାଇବେ। ପ୍ରତ୍ୟେକ ସନ୍ଧ୍ୟାରେ ଘଟହାଣ୍ଡି ନଗର ପରିକ୍ରମା କରିବା ସହ ରବିବାର ଓ ମଙ୍ଗଳବାର ରାତିରେ ବେଜୁନାଚ ହେବ ବୋଲି ସୂଚନା ଦିଆଯାଇଛି । ମଙ୍ଗଳବାର ହିଁ ସାହିର ବିଭିନ୍ନ ଲୋକଙ୍କ ସଜ ଘଟହାଣ୍ଡି ପୂଜା ପାଇବା ପରେ ବୁଧବାର ପର୍ବ ବିସର୍ଜନ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସାହିର ଚିନ୍ନାରି ସାଗର, ମଣିଂ ତିରୁମାଲା, ସୁବୁଦ୍ଧି ଭେଙ୍କେଟରାଓ, ଲାଡି ନରସିଂହ ମୂର୍ତ୍ତି, କେ. ସୋମେଶ୍ୱର ରାଓ ପ୍ରମୁଖ ପର୍ବ ପରିଚାଳନା ଦାୟିତ୍ୱରେ ଅଛନ୍ତି।



# ସରକାରୀ ପଲିଟେକ୍‌ନିକ୍, ଆଇଟିଆଇରେ ଶିକ୍ଷା ଗ୍ରହଣ ନିମନ୍ତେ ବୈଠକ

ରାୟଗଡ଼ା ଅଫିସ,୨୬।୫

ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦଶମ ଶ୍ରେଣୀ ପାସ୍ କରିବା ପରେ ଛାତ୍ରୀଛାତ୍ରମାନେ ସରକାରୀ ପଲିଟେକ୍‌ନିକ୍ ଓ ଆଇଟିଆଇ ଶିକ୍ଷା ଅନୁଷ୍ଠାନରେ ଶିକ୍ଷା ଗ୍ରହଣ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମ୍ ଖର୍ଚ୍ଚରେ ନାମ ଲେଖାଇ ଉନ୍ନତମାନର ଡିପ୍ଲୋମା ଓ ଆଇଟିଆଇ ଶିକ୍ଷା ଗ୍ରହଣ କରି ଭବିଷ୍ୟତ ଗଢିବା ଦିଗରେ କିପରି ଆଗେଇ ଆସିବେ ଏବଂ ଏଥିରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଭୂମିକା ଓ ଦାୟିତ୍ୱ ପାଳନ ଦିଗରେ ଜିଲା ମଙ୍ଗଳ ବିଭାଗ ଏବଂ ସମଗ୍ର ଶିକ୍ଷା ବିଭାଗର ଅଧିକାରୀ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟ ବୈଠକରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଜିଲା ମଙ୍ଗଳ ବିଭାଗ ଅଧୀନ ୪୪ ହାଇସ୍କୁଲରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ୩୩୮୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ୩୩୭୦ ଛାତ୍ରୀଛାତ୍ର ବିଭିନ୍ନ ବର୍ଗରେ ଉତ୍ତୀର୍ଣ୍ଣ ହୋଇଥିବା ନେଇ ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ


ବୈଠକରେ ଯୋଗ ଦେଇଥିବା ଅଧିକାରୀ।

ସୂଚନା ଦେଇଥିଲେ। ଜିଲା ମଙ୍ଗଳ ବିଭାଗରେ ଅଧ୍ୟୟନରତ ଆଦିବାସୀ ଓ ଦଳିତ ବର୍ଗର ଛାତ୍ରୀଛାତ୍ରମାନେ ମାଟ୍ରିକ ପରେ ନିଜ ଭବିଷ୍ୟତ ଗଠନ ପାଇଁ କଲେଜ ଯାଉ ନ ଥିବା ବେଳେ ଏମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ପାଇବାର ଠିକ୍ ବାଟ ନ ପାଇ ଅଧାରୁ ପାଠ ଛାଡ଼ି ଦାଦନ ଖଟିବାକୁ ଯାଉଛନ୍ତି । ଭବିଷ୍ୟତ ଗଠନର ଆଶା ରଖୁଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ କାଉନ୍‌ସେଲିଂ କରି ପ୍ରୋତ୍ସାହିତ କଲେ ବହୁ ଛାତ୍ରୀଛାତ୍ର ନିଜେ ରୋଜଗାରକ୍ଷମ ହେବାର ସୁଯୋଗ ପାଇପାରିବେ ବୋଲି କୁହାଯାଇଥିଲା।

ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଜିଲା ଶିକ୍ଷା ବିଭାଗର ୨୦୭ ହାଇସ୍କୁଲରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଛାତ୍ରୀଛାତ୍ରମାନଙ୍କ ଫଳାଫଳ ଭଲ ରହିଥିବା ବେଳେ ଏମାନଙ୍କୁ ମଧ୍ୟରୁ ପ୍ରତ୍ୟେକ ବିଦ୍ୟାଳୟରୁ ୧୦ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ସରକାରୀ ବୈଷୟିକ ଅନୁଷ୍ଠାନ ପଲିଟେକ୍‌ନିକ୍ ଓ ଆଇଟିଆଇରେ ନାମ ଲେଖାଇବା ପାଇଁ ପ୍ରଧାନ ଶିକ୍ଷକମାନେ କାଉନ୍‌ସେଲିଂ କରି ସେମାନଙ୍କୁ ଏହି ବୈଷୟିକ ଶିକ୍ଷା ଗ୍ରହଣ ପାଇଁ ପ୍ରୋତ୍ସାହିତ କରିବାକୁ ଆଲୋଚନା ହୋଇଥିଲା। ଚଳିତ ଶିକ୍ଷାବର୍ଷ ପାଇଁ ରାୟଗଡ଼ା ଜିଲା ସଦର ମହକୁମାରେ ଥିବା ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ(ପଲିଟେକ୍‌ନିକ୍) ଏବଂ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ(ଆଇଟିଆଇ)ରେ ନାମ ଲେଖାଇବା ପାଇଁ ସାମ୍‌ସ ପୋର୍ଟାଲ ଏବଂ ଅନ୍ୟ ପୋର୍ଟାଲ ସମ୍ପର୍କରେ ଆଇଟିଆଇ ଅଧକ୍ଷ ଅତୁଲ୍ୟ କୁମାର ପଣ୍ଡା ଏବଂ ୟୁଜିଏମ୍‌ଆଇଟି ଅନୁଷ୍ଠାନ ଅଧକ୍ଷ ନାରାୟଣ ପଟେଲ ଆଲୋକପାତ କରିଥିଲେ। ଝିଅଙ୍କ ପାଇଁ ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଥିବା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ବୈଠକରେ ଉଭୟ ଅଧକ୍ଷ ପ୍ରକାଶ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଦିଲୀପ କୁମାର ବେହେରା, ଜିଲା ନିୟୋଜନ ଅଧିକାରୀ ମହାପାତ୍ରଙ୍କ ସମେତ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ୱାଭିମାନ ଅଞ୍ଚଳରେ ଗଣେଶ ମନ୍ଦିର, ଗ୍ରାମ ହୁଣ୍ଡି ଶୁଭାରମ୍ଭ



ଚିତ୍ରକୋଣ୍ଡା,୨୬।୫(ଡି.ଏନ.ଏ.)-ମୁଖ୍ୟମନ୍ତ୍ରୀଙ୍କ ଭାବଧାରାକୁ ଚରିତାର୍ଥ କରିବାକୁ ଗାଁ ଗାଁରେ ଜନହିତକର କାର୍ଯ୍ୟ ତଥା ବିକାଶ ଲକ୍ଷ୍ୟରେ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିସି ଚେୟାରମ୍ୟାନ ପ୍ରଦୀପ କୁମାର ମାଝିଙ୍କ ତତ୍ତ୍ୱାବଧାନରେ ମାଲକାନଗିରି ଏସ୍‌ଡିସି ଚେୟାରମ୍ୟାନ ଆଡମା ରାବାଙ୍କ ନେତୃତ୍ୱରେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଓବାଦୀ ଉପଦ୍ରୁତ ଆଦିବାସୀ ବହୁଳ ଉପାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ପଣଷପୁଟଠାରେ ବୁଧବାର ଗଣେଶ ମନ୍ଦିର ଏବଂ ଗ୍ରାମହୁଣ୍ଡି ମନ୍ଦିର କାର୍ଯ୍ୟ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ତାଙ୍ଗୁଲ, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ, ପର୍ଯ୍ୟବେକ୍ଷକ ବିନୋଦ ସାମନ୍ତରାୟ, ଅବ୍‌ଜରଭର ବିଜିତ ସିଙ୍ଗ, ଚିତ୍ରକୋଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି କମଲୁ ହନ୍ତାଳ, ଚିତ୍ରକୋଣ୍ଡା ଯୁବ ସଭାପତି ରାଜ କମଳ ପୁରୋହିତ, ଯୋଡ଼ାମ୍ବ ସରପଞ୍ଚ ପିଙ୍କି ହନ୍ତାଳଙ୍କ ସମେତ ଗ୍ରାମବାସୀଙ୍କ ଉପସ୍ଥିତିରେ ପଣଷପୁଟ ଗ୍ରାମରେ ଗଣେଶ ମନ୍ଦିର ଉଦ୍‌ଘାଟନ ହେବା ସହିତ ବେଜିଙ୍ଗ ଗ୍ରାମ ଏବଂ ଯୋଡ଼ାମ୍ବରେ ଗ୍ରାମ ହୁଣ୍ଡି ମନ୍ଦିରର ଶୁଭ ଉଦ୍‌ଘାଟନ କରାଯାଇଥିଲା।

### ମାନସିକ ଅନଗ୍ରସର ବୁଦୁରାମ କଲିକତାରୁ ଉଦ୍ଧାର



କୋରାପୁଟ, ୨୬।୫(ସ୍ୱ.ପ୍ର.)- ମାନସିକ ରୋଗରେ ପୀଡିତ ହୋଇ କଲିକତା ସହରର ନରେନ୍ଦ୍ରପୁରରେ ବୁଲୁଥିବା କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅଧୀନ ରଣସପୁର ଗ୍ରାମର ବୁଦୁରାମ ଗଣ୍ଡଙ୍କୁ କୋରାପୁଟ ଜିଲା ପ୍ରଶାସନ ଫେରାଇ ଆଣିଛି। ସେ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ସେଠାରେ ଥିଲେ। କଲିକତାର ଡିପ୍ରେସନ୍ ଚାରିଟେବଲ ଟ୍ରଷ୍ଟ ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ଏକ ଭିଡିଓ ପ୍ରସ୍ତୁତ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ। କୋରାପୁଟ ଜିଲା ପ୍ରଶାସନ ନଜରକୁ ଏହା ଆସିବା ପରେ ସେମାନେ ଏକ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ୨୩ ତାରିଖରେ କଲିକତାକୁ ଗସ୍ତ କରିଥିଲା। ସେଠାରୁ ବୁଦୁରାମଙ୍କୁ ଆଣି ଶୁକ୍ରବାର କୋରାପୁଟରେ ପହଞ୍ଚିଥିଲେ। ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ତାଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଉପବିଭାଗ, ଆରକ୍ଷୀ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ଏନ୍‌ଜିଓ ଏକତା ସହାୟତାରେ ଜିଲାପାଳଙ୍କ ଆଦେଶକ୍ରମେ ବୁଦୁରାମ ଗଣ୍ଡାଙ୍କୁ ଉଦ୍ଧାର କରାଯାଇ ଥିଲା। ଏହି ଉଦ୍ଧାର କାର୍ଯ୍ୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସିମାଞ୍ଚଳ ମହାପାତ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିଲିପ କୁମାର ହିଆଲ, ଅଶୋକ ନିଲମପୁରୀ, ଏକତା ଏନ୍‌ଜିଓ ସଂଯୋଜକ ସିଲୁ ବେହେରା, ଜିଲା ମୁଖ୍ୟ ଚିକିତ୍ସାଳୟର ବିସ୍ମୟ କୁମାର ବାରିକ, ଜିଲା ପ୍ରଶାସନ କନିଷ୍ଠ ସହାୟକ ତ୍ରିନାଥ ପ୍ରଧାନ, ଜଗନ୍ନାଥ ନାୟକ ସାମିଲ ଥିଲେ।

# ମାଲକାନଗିରି, କୋରାପୁଟ, ନବରଙ୍ଗପୁରରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ଯୋଜନା, ସଂଯୋଜନ ମନ୍ତ୍ରୀଙ୍କ ମାଲକାନଗିରି ଗସ୍ତ**



ଯୋଜନା ଏବଂ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଓ ଅନ୍ୟ ଅଧିକାରୀମାନେ ସମୀକ୍ଷା କରୁଛନ୍ତି ।

ମାଲକାନଗିରି, ୨୬।୫(ଡି.ଏନ୍.ଏ.)

ଯୋଜନା ଏବଂ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଶୁକ୍ରବାର ଦିନିକିଆ ମାଲକାନଗିରି ଜିଲା ଗସ୍ତ କରିଛନ୍ତି। ସେ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନବରଙ୍ଗପୁର ଏମ୍‌ପି ରମେଶ ମାଝି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମାଲକାନଗିରି ଜିଲାପାଳ ବିଶାଲ ସିଂ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, କୋରାପୁଟ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ମଞ୍ଚାସୀନ ଥିଲେ। ଏହି ଅବସରରେ ମନ୍ତ୍ରୀ ଢୋଲକିଆ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଉପରେ ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲାପାଳ ସିଂ ସୂଚନା ଦେଇଥିଲେ, ମାଲକାନଗିରି ଜିଲାରେ ୨୩ଟି ମହାବିଦ୍ୟାଳୟ ପାଇଁ ୧୦ କୋଟି ୭୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଜିଲାର ୭୪ ମନ୍ଦିରର ବିକାଶ ପାଇଁ ୧୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ନବରଙ୍ଗପୁର ଜିଲାର ୯୧ ପ୍ରକଳ୍ପ ପାଇଁ ୧୦ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ଏବଂ ୧୬ଟି ମହାବିଦ୍ୟାଳୟର ଉନ୍ନୟନ ନିମନ୍ତେ ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। କୋରାପୁଟ ଜିଲାର ୧୪୪ ପ୍ରକଳ୍ପ ପାଇଁ ୪୩ କୋଟି ୫୫ ଲକ୍ଷ ମଞ୍ଜୁର କରାଯାଇଛି।

୫-ଟି ସଚିବ ଭିକେ ପାଣ୍ଡିଆନ୍ ମାଲକାନଗିରି ଜିଲା ଗସ୍ତ ସମୟରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ମଧ୍ୟ ନିଆଯାଇଛି। ଏହି ଅବସରରେ ବିଜୁଳି, ସଡ଼କ ଓ ପାନୀୟ ଜଳଯୋଗାଣ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରି କିଭଳି ଜିଲାର ବିକାଶ ହୋଇପାରିବ ସେଥିନିମନ୍ତେ ନବରଙ୍ଗପୁର ଏମ୍‌ପି ମାଝି ଗୁରୁତ୍ୱାରୋପ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ଶେଷକରି ଅର୍ଥରାଶି ବିନିଯୋଗ କରିବାକୁ ସମସ୍ତ ଜନପ୍ରତିନିଧି ଗୁରୁତ୍ୱାରୋପ କରିଥିଲେ। ବୈଠକରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦର ସମସ୍ତ ପ୍ରତିନିଧି, ଉପନିର୍ଦ୍ଦେଶକ ଡିପିଏମ୍‌ୟୁ ଗୋଲକ ଦଳେଇ, ସମସ୍ତ କର୍ମଚାରୀ, ନବରଙ୍ଗପୁର ଓ କୋରାପୁଟ ଜିଲାର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ । ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣି ପାଇଁ ଲୋକେ ହନ୍ତସନ୍ତ

- ସୋଲାର ଜଳ ପ୍ରକଳ୍ପ ଅଚଳ
- ଅଭିଯୋଗକଲେ ମଧ ହେଉନି ମରାମତି

କୋରୁକୋଣ୍ଡା ୨୬।୫(ଡି.ଏନ୍. ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡାରେ ବ୍ଲକ ସଦର ପଞ୍ଚାୟତ ଶୁଳିଆକୋଲନି ଗ୍ରାମ ମୁଖ୍ୟ ରାସ୍ତାକଡ଼ରେ ଅବସ୍ଥିତ। ଗ୍ରାମରେ ୨୫ରୁ ଉର୍ଦ୍ଧ୍ୱ ପରିବାରର ପ୍ରାୟ ୨୪୦ରୁ ଉର୍ଦ୍ଧ୍ୱ ଲୋକ ବାସକରନ୍ତି। ୨୪୦ଜଣ ଲୋକଙ୍କ ପାଇଁ ମାତ୍ର ୨ଟି ନଳକୂପ ଥିଲା। ସ୍ଥାନୀୟ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲାପରେ ବର୍ଷେ ପୂର୍ବେ ଉକ୍ତ ଗ୍ରାମକୁ ଏକ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଯୋଗାଇଦେବା ସହିତ ୫ଟି ଷ୍ଟାଣ୍ଡପୋଷ୍ଟ ବସାଯାଇଥିଲା। ହେଲେ ଉକ୍ତ ସୌରଚାଳିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାର ବର୍ଷକ ମଧ୍ୟରେ ଦୁଇଥର ଅଚଳ ହୋଇଯାଇଥିଲା। ସ୍ଥାନୀୟ ଅଧିକାରୀଙ୍କୁ ଗ୍ରାମବାସୀ ଅଭିଯୋଗ କରିବାରୁ ମରାମତି କରାଯାଇଥିଲା। କିନ୍ତୁ ବର୍ତ୍ତମାନ ମାସେରୁ ଉର୍ଦ୍ଧ୍ୱ ହେବ ପ୍ରକଳ୍ପ ଅଚଳ ପଡ଼ିଥିଲେ ମଧ୍ୟ ଅଧିକାରୀଙ୍କୁ ଯେତେ କହିଲେବି କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏବେ ସାରା ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଖରା ସାଙ୍ଗକୁ ଗୁଳୁଗୁଳି ବଢ଼ିଛି। ପିଇବା ପାଣି ମୁନ୍ଦାଏ ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମର ଲକ୍ଷ୍ମୀ ଖରା, କୁସୁମା ଖିଲ, ଲକ୍ଷ୍ମୀ କିର୍ଷାନୀ, ହରିବାଲା ପୂଜାରୀ, ଗୌଡ଼ିୟ ଖରାଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ମାଡ଼କାପଦରରେ ଜନସମ୍ପର୍କ ଶିବିର



ଜନସମ୍ପର୍କ ଶିବିରରେ ଲୋକଙ୍କୁ ଚିକିତ୍ସା କରାଯାଉଛି ।

ମାଥିଲି, ୨୬।୫(ଡି.ଏନ୍.ଏ.)

ଖଇରପୁଟ ବ୍ଲକ ମାଡ଼କାପଦର ପଞ୍ଚାୟତ ତଥା ମାଥିଲି ଥାନା ଅନ୍ତର୍ଗତ ମାଡ଼କାପଦର ଗ୍ରାମରେ ମାଲକାନଗିରି ପୋଲିସ୍ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୋଲିସ ପକ୍ଷରୁ ବିଭିନ୍ନ ସାମଗ୍ରୀ ଗ୍ରାମବାସୀଙ୍କୁ ବଣ୍ଟନ କରାଯାଇଥିଲା। ଭଲିବଲ୍ ମ୍ୟାଚ୍ କରାଯାଇଥିଲା। ପୋଲିସ ଅଧିକାରୀ ମନୋଜ ସିଂ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଅପରେଶନ), ସଚ୍ଚିନ ପଟେଲ, ମାଲକାନଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଏବଂ ରଞ୍ଜନ ମାଝି, ମାଥିଲି ଥାନା ଅଧିକାରୀ ଉପସ୍ଥିତ ଥିଲେ। ଇନ୍‌ସପେକ୍ଟର ଲକ୍ଷ୍ମୀ ନାରାୟଣ ମୁଦୁଲି ସଭା ପରିଚାଳନା କରିଥିଲେ । ମାଡ଼କାପଦର ସରପଞ୍ଚ ଡମ୍ବରୁ ସିସା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକଙ୍କ ତଥା ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ପୋଲିସ ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କ ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ। ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ତଥା ଅନ୍ୟ ସହକର୍ମୀମାନେ ଉପସ୍ଥିତ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ।

# ସବୁ ଯୋଜନା ତୁରନ୍ତ କାର୍ଯ୍ୟକାରୀ କରିବାକୁ ପରାମର୍ଶ

**ବିଜେଡି ସାଂଗଠନିକ ସମ୍ପାଦକଙ୍କ ଭର୍ଚୁଆଲରେ ଆଲୋଚନା**



ବିଜେଡି କର୍ମକର୍ତ୍ତାମାନେ ସାଂଗଠନିକ ସମ୍ପାଦକଙ୍କ ସହ ଭର୍ଚୁଆଲରେ ଆଲୋଚନା କରୁଛନ୍ତି ।

ମାଲକାନଗିର,୨୬।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକର ୧୯ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟା ସଭ୍ୟଙ୍କ ସହ ବିଜୁ ଜନତା ଦଳ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଭିଡିଓ କନଫେରେନ୍ସରେ ଶୁକ୍ରବାର ଆଲୋଚନା କରଛନ୍ତି। ସବୁ ଯୋଜନା ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାସ ପରାମର୍ଶ ଦେଇଥିଲେ ।

ଏହି ପ୍ରତିନିଧିମାନେ ସେମାନଙ୍କ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପଞ୍ଚାୟତ ଜନ ପ୍ରତିନିଧିମାନେ ତାଙ୍କ ଅଞ୍ଚଳର ଲୋକଙ୍କ ସାହା ଭରଷା, ରାଜ୍ୟ ସରକାର ପ୍ରତି ଗ୍ରାମର ଉନ୍ନତି ପାଇଁ ବିଭିନ୍ନ ଯୋଜନାରେ ପ୍ରଚୁର ଅର୍ଥ ପ୍ରଦାନ କରିଛନ୍ତି। ଅନେକ ପଞ୍ଚାୟତରେ ଅର୍ଥ ଖର୍ଚ୍ଚ ହୋଇ ପାରୁ ନ ଥିବା କାରଣ କ'ଣ ସେ ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ। ୨୦୨୪ ନିର୍ବାଚନ ପୂର୍ବରୁ ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ହେଲେ ସ୍ୱଚ୍ଛ ନିରପେକ୍ଷ ଦୁର୍ନୀତିମୁକ୍ତ ଭାବେ ଜନପ୍ରତିନିଧିମାନେ ଘର ଘର ବୁଲି ଲୋକଙ୍କୁ ସେବା ଯୋଗାଇ ଦିଅନ୍ତୁ ବୋଲି ଦାସ ପରାମର୍ଶ ଦେଇଥିଲେ। ଏହି ଭିଡିଓ କନଫେରେନ୍ସ ସମୟରେ ଯୋଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର କୁମାର ଢୋଲକିଆ ପ୍ରଣବ ପ୍ରକାଶ ଦାସଙ୍କ ସ୍ୱତନ୍ତ୍ର ପ୍ରତିନିଧି ପ୍ରକାଶ ମହାନ୍ତି, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି, କୋରାପୁଟ ବିଜୁ ଜନତା ଦଳ ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ବିଧାୟକ ମାନସ ମାଡକାମି, ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା ପ୍ରମୁଖ ଯୋଗ ଦେଇଥିଲେ।

## ଜନ ପ୍ରତିନିଧିଙ୍କ ଆଲୋଚନା

କୋରୁକୋଣ୍ଡା,୨୬।୫(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ମନ୍ଦିରର ଉନ୍ନତିକରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ୧୪କୋଟି ୫ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ପୁରୁଣା ଓର୍କେଲ ନୀଳକଣ୍ଠେଶ୍ୱର ମନ୍ଦିର ପାଇଁ ୧୫ଲକ୍ଷର ଅନୁଦାନ ଆସିଥିବା ଜଣାପଡିଛି। ମନ୍ଦିରଟି ବହୁ ପ୍ରାଚୀନ ହୋଇଥିଲେ ମଧ୍ୟ ଅବହେଳିତ ହୋଇ ରହିଥିବା ବେଳେ ବର୍ତ୍ତମାନ ସରକାରଙ୍କ ସହାୟତାରେ ଏହାର ଉନ୍ନତି କରଣ ପାଇଁ ଶୁକ୍ରବାର ବ୍ଲକ ପ୍ରଶାସନ ସମେତ ଜନପ୍ରତିନିଧି ଯାଇ ମନ୍ଦିର କମିଟି ସହିତ ଆଲୋଚନା କରିଛନ୍ତି।

ସୂଚନା ଥାଉକି ଦୁଇ ମାସ ପୂର୍ବେ ୫-ଟି ସଚିବ ଭି.କେ. ପଣ୍ଡିଆନ ଦୁଇଦିନିଆ ମାଲକାନଗିରି ଗସ୍ତ ସମୟରେ ଜିଲାର ବିଭିନ୍ନ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ ବୁଲି ଏହାର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଏନେଇ ଜିଲାର ବହୁ ମନ୍ଦିର କମିଟି ପଣ୍ଡିଆନଙ୍କୁ ଭେଟି ମନ୍ଦିରର ଉନ୍ନତି କରଣ ନିମନ୍ତେ ଆବେଦନ ପତ୍ର ପ୍ରଦାନ କରିଥିଲେ। ପଣ୍ଡିଆନ ଧର୍ମାନୁଷ୍ଠାନଗୁଡିକର ଉନ୍ନତି କରଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। କରିଥିବା ବେଳେ ସେଥି ମଧ୍ୟରୁ ପୁରୁଣା ଓର୍କେଲ ନୀଳକଣ୍ଠେଶ୍ୱର ମନ୍ଦିର ଉନ୍ନତି କରଣ ନିମନ୍ତେ ୧୫ଲକ୍ଷ ଟଙ୍କା ରହିଥିବା ବେଳେ ଏମ୍‌ପି ଅନୁଦାନ ପାଣ୍ଠିରୁ ୩ ଲକ୍ଷଟଙ୍କା ରହିଛି। ନୀଳକଣ୍ଠେଶ୍ୱର ମନ୍ଦିର ଉନ୍ନତିକରଣ ନିମନ୍ତେ ୧୮ଲକ୍ଷ ଟଙ୍କା ରହିଥିବା ବେଳେ ଏହାର ଅନୁଧ୍ୟାନ କରି ମନ୍ଦିର କମିଟି ସହିତ କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡି, ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି ସତ୍ୟ ପାଣିଗ୍ରାହୀ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାରେ ମନ୍ଦିର କମିଟିର ସିଲୁ ମହାନ୍ତି, ଭୋଳା ନାଥ ଆଲାଙ୍ଗ, ଦେବା ପଡିଆମୀ, ଭଗବାନ ଦୋରା ଓ ରାଜୁ ମଣ୍ଡଳ ଉପସ୍ଥିତ ରହିଥିଲେ ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

କୋରୁକୋଣ୍ଡା, ୨୬।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କାମୱାଡ଼ାଠାରେ ଗତ ୧୫ ତାରିଖରେ ଆରମ୍ଭ ହୋଇଥିବା ଗଙ୍ଗା ମେମୋରିଆଲ ମା' କାମେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡ଼ି ଉପସ୍ଥିତ ଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ, କାମୱାଡ଼ା ସରପଞ୍ଚ ରମାକାନ୍ତ ମାଡକାମି, ଡୁଡ଼ା ମେଟା ସରପଞ୍ଚ ମୁକୁନ୍ଦ ମାଢୀ, କମାୱାଡା ସମିତି ସଭ୍ୟା ରୀନା ମାଡକାମି, କୋରୁକୋଣ୍ଡା ବ୍ଲକ ବିଜୁ ଜନତା ଦଳ ଯୁବ ସଭାପତି ମନତୋଷ ବିଶ୍ୱାସ ଯୋଗ ଦେଇଥିଲେ।

ଏଥିରେ ବିଭିନ୍ନ ସ୍ଥାନରୁ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନ ମ୍ୟାଚ ବାଲାକାଟି ଓ ସିଡୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିଡୁଗୁଡ଼ା ଟସ୍ ଜିତି ୧୨ ଓଭରରେ ୭ ଉଇକେଟ ହରାଇ ୯୨ ରନ୍ ସଂଗ୍ରହ କରିଥିଲା। ବାଲାକାଟି ସେହି ରନ୍‌କୁ ୯ ଓଭରରେ ୨ ଉଇକେଟ ହରାଇ ମ୍ୟାଚ୍ ଜିତିଥିଲା। ବାଲାକାଟି ଜିତିବା ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଟୁର୍ନାମେଣ୍ଟର ଶେଷଦିନରେ ଗନ୍ଦିପଲ୍ଲୀ ଟିମ୍ ୧୨ ଓଭର ଖେଳ ଶେଷ ସୁଦ୍ଧା ୭ ଉଇକେଟ ହରାଇ ୧୦୭ ରନ୍ କରିଥିବା ବେଳେ କାମୱାଡ଼ା ଟିମ୍ ୧୨ ଓଭର ଶେଷ ସୁଦ୍ଧା ୯ ଉଇକେଟ ହରାଇ ମାତ୍ର ୮ରନ୍ ପଛରେ ରହି ରନର୍ସ ଅପ୍ ହୋଇଥିଲା

ଟୁର୍ନାମେଣ୍ଟ ଶେଷଦିନରେ ବିଜେତା ଏବଂ ରନର୍ସ ଦଳକୁ ଆୟୋଜକଙ୍କ ତରଫରୁ ଉପସ୍ଥିତ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ଅଞ୍ଚଳ ମୁଖ୍ୟଙ୍କୁ ସମ୍ମାନିତ କଲେ କୋୟା ସମ୍ପ୍ରଦାୟ ଲୋକେ



କୋୟା ସମ୍ପ୍ରଦାୟ ଲୋକମାନେ ପାରମ୍ପରିକ ନୃତ୍ୟ ପରିବେଷଣ ସହ ମୁଖ୍ୟଙ୍କୁ ସମ୍ମାନିତ କରୁଛନ୍ତି ।

ମାଲକାନଗିରି, ୨୬।୫(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ବସବାସ କରୁଥିବା କୋୟା ସମ୍ପ୍ରଦାୟ ଗ୍ରାମବାସୀ ସେମାନଙ୍କର ବର୍ଷରେ ବିଭିନ୍ନ ପର୍ବପର୍ବାଣୀ ପାଳନ କରି ଆସଛନ୍ତି। କିନ୍ତୁ ଏହି ସମ୍ପ୍ରଦାୟ ଆଖପାଖ ପଞ୍ଚାୟତର ଗ୍ରାମବାସୀଙ୍କୁ ନେଇ ମିଳିତ ଭାବେ ବାର୍ଷିକ ଉତ୍ସବ ପାଳନ କରିଥାନ୍ତି। ଏହି ଉତ୍ସବରେ ସେମାନଙ୍କର ଇଷ୍ଟ ଦେବାଦେବୀମାନଙ୍କ ପୂଜାର୍ଚ୍ଚନା କରାଯିବା ସହ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଥାନ୍ତି। ପାରମ୍ପରିକ ରୀତି ଅନୁଯାୟୀ ସେହି ଅଞ୍ଚଳର ବିଶିଷ୍ଟ ସମାଜିକକର୍ମୀ ଡି.ବିଶ୍ୱନାଥ ରେଡ୍ଡୀଙ୍କୁ ଶୁକ୍ରବାର ସମ୍ମାନିତ କରାଯାଇଥିଲା। ପୂର୍ବରୁ ରେଡ୍ଡୀଙ୍କ ପିତାଙ୍କୁ ଏହି ଉତ୍ସବରେ ସମ୍ମାନିତ କରାଯାଉଥିଲା। ପିତାଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ବିଶ୍ୱନାଥ ପ୍ରତିବର୍ଷ ଏହି ଉତ୍ସବରେ ଅଂଶଗ୍ରହଣ କରି ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ଏବଂ ସେମାନଙ୍କ ଉନ୍ନତି ସମ୍ବନ୍ଧରେ ଆଲୋଚନା କରିଥାନ୍ତି। ଏମ୍.ଭି. ୭୯ ଥାନା ଅଞ୍ଚଳ ମୋଟୁ, ପୁସୁଗୁଡା, ମାଲାଭରମ୍, ଲୁଗେଲ ଓ ମହାରାଜପାଲ୍ଲୀ ତାଣ୍ଡବାଇ ପଞ୍ଚାୟତର ଶହ ଶହ କୋୟା ସମ୍ପ୍ରଦାୟର ମହିଳା ପୁରୁଷ ତାଣ୍ଡବାଇଠାରେ ଏକତ୍ରିତ ହୋଇ ଇଷ୍ଟଦେବାଦେବୀମାନଙ୍କୁ ପାରମ୍ପରିକ ରୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଏହି ପୂଜାରେ ୩ ଜଣ ଦିଶାରି ସାଲବାମ ଜଗା, ସାଲବାମ ଭୀମା ଓ ସାଲବାମ ସିଙ୍ଗା ପୂଜାର୍ଚ୍ଚନା ପରେ କୋୟା ସମ୍ପ୍ରଦାୟର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଜାତିର ପରମ୍ପରାକୁ ବଜାୟ ରଖିବା ସହ ଏହି ସମ୍ପ୍ରଦାୟ ଲୋକମାନେ କିପରି ଶିକ୍ଷିତ ଓ କର୍ମଠ ହୋଇପାରିବେ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା।

## ବିଦ୍ୟୁତ୍ ବିଲ୍ ଚାପ: କାର୍ଯ୍ୟାଳୟ ଘେରିଲେ ରାମାଗୁଡ଼ା ଲୋକେ

ମାଥିଲି,୨୬।୫(ଡି.ଏନ୍.ଏ.)

ବିଦ୍ୟୁତ୍ ନାଁରେ ମନଇଚ୍ଛା ବିଲ୍ ଯୋଗୁ ଉପଭୋକ୍ତା ଅତିଷ୍ଠ ହୋଇପଡ଼ିଛନ୍ତି। ଗାଁ ଲୋକେ ଶୁକ୍ରବାର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଛନ୍ତି। ମାଲକାନଗିରି ଜିଲା ମାଥିଲି ବ୍ଲକ ଭେଜାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ରାମାଗୁଡା ଗାଁ ଲୋକେ ମନ ଇଚ୍ଛା ବିଲ୍ ଯୋଗୁ ମାଥିଲି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଘେରିଛନ୍ତି। ଗାଁରେ ୨ଶହରୁ ଉର୍ଦ୍ଧ୍ୱ ଲୋକ ବାସକରନ୍ତି। ପ୍ରତ୍ୟେକ ଘରେ ବିଦ୍ୟୁତ୍ ସଂଯୋଗ କରାଯାଇଛି । କିନ୍ତୁ ଟାଟା ପାୱାର ହେବା ଦିନରୁ ମନଇଚ୍ଛା ବିଲ୍ ଆସୁଛି। ଏହା ସହ ବିଲ୍‌କୁ ନେଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ । ଗାଁର କେତେଜଣ ଲୋକଙ୍କ ବିଲ୍ ୫୦ ହଜାରରୁ ଅଧିକ ଟଙ୍କାର ଆସିଛି । ପ୍ରତି ମାସରେ ଆସୁଥିବା ଠିକ୍ ବିଲ୍ ପୈଠକଲା ପରେ ବି ହଜାର ହଜାର ଟଙ୍କାର ବିଲ୍ ଆସିବା ଦୁର୍ଭାଗ୍ୟଜନକ ବୋଲି ଲୋକେ କହିଛନ୍ତି । ଏ ନେଇ ଗାଁ ଲୋକେ ବାରମ୍ବାର ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ମଧ ବିଲ୍ କମି ନ ଥିଲା। ତେବେ ଅଧିକ ୟୁନିଟ୍ ଦେଖାଇ ଆଦିବାସୀ ଲୋକଙ୍କଠାରୁ ଟାଟା ପାୱାର ଟଙ୍କା ଶୋଷୁଥିବା ଅଭିଯୋଗ ହୋଇଛି। ଏହାର ସମାଧାନ କରିବାକୁ ଦାବିକରି ଗାଁ ଲୋକେ କାର୍ଯ୍ୟାଳୟକୁ ଘେରାଉକରିଥିଲେ। ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ଅନୁପସ୍ଥିତ ଥିବା କହି କେତେଜଣ କର୍ମଚାରୀ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଏହାର ସମାଧାନ କରିବାକୁ କାର୍ଯ୍ୟାଳୟ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା ।



ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ବିଲ୍ ଧରି ଉପଭୋକ୍ତାମାନେ ପ୍ରତିବାଦ କରୁଛନ୍ତି ।

# ଚୁଆପାଣି ମାର୍କାଗୁଡ଼ା ଗ୍ରାମବାସୀଙ୍କ ଭରସା

ମାଥିଲି,୨୬।୫(ଡି.ଏନ୍.ଏ.)



ମହିଳାମାନେ ଚୂଆରୁ ପାଣି ସଂଗ୍ରହ କରୁଛନ୍ତି।

ଦୟନୀୟ ଅବସ୍ଥାରେ ପାଣି ସଂଗ୍ରହ କରୁଛନ୍ତି ଲୋକେ। ଟୋପାଏ ଜଳ ପାଇବା ପାଇଁ ଚିନ୍ତାରେ ରହୁଛନ୍ତି ଗ୍ରାମବାସୀ। ବର୍ଷ ବର୍ଷ ଧରି ପାଣି ପାଇଁ ଯନ୍ତ୍ରଣାରେ ବିତୁଛି ଜୀବନ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲା ମାଥିଲି ବ୍ଲକ ଧୂଙ୍ଗିଆପୁଟ ପଞ୍ଚାୟତ ମାର୍କାଗୁଡ଼ା ଗ୍ରାମରେ। ଏଠାରେ ୩୫ ପରିବାର ଥିଲା ବେଳେ ପାଖାପାଖି ଦୁଇ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସାହିରେ ମାତ୍ର ଗୋଟିଏ ନଳକୂପ ରହିଛି। ତାହା ୪୦ ବର୍ଷ ତଳେ ଖନନ କରାଯାଇଥିଲା। ସେହି ପୁରୁଣା ନଳକୂପ ଉପରେ ବର୍ଷ ବର୍ଷ ଧରି ନିର୍ଭର କରିଆସୁଛନ୍ତି ଲୋକେ। ପିଇବା, ଗାଧୋଇବା ଓ ଶୌଚ ଆଦି କାର୍ଯ୍ୟ ଏହିଠାରୁ ପାଣି ନେଇ ଲୋକେ କରିଥାନ୍ତି। ମାତ୍ର ଉକ୍ତ ନଳକୂପରୁ ଆବଶ୍ୟକ ପରିମାଣର ପାଣି ବାହାରୁନାହିଁ। ଯେଉଁ ପାଣି ବାହାରୁଛି ସେଥିରେ ଜିଆ ଓ ଆଇରନ ଗୁଣ୍ଡ ସହ ଗୋଳିଆ ପାଣି ବାହାରୁଛି, ଯାହା ବ୍ୟବହାର ଉପଯୋଗୀ ନୁହେଁ। କୌଣସି ବିକଳ୍ପ ନ ଥିବାରୁ ସେହି ଗୋଳିଆ ପାଣି ବର୍ଷ ବର୍ଷ ଧରି ଗ୍ରାମବାସୀଙ୍କ ବ୍ୟବହାର କରିଆସୁଛନ୍ତି। ଦୂଷିତ ପାଣି ପିଉଥିବାରୁ ନାନାପ୍ରକାର ରୋଗର ଶିକାର ହେଉଛନ୍ତି। ପ୍ରତିଦିନ ନଳକୂପ ନିକଟରେ ପାଣି ପାଇଁ ମହିଳାମାନଙ୍କ ଲମ୍ବା ଧାଡ଼ି ଲାଗିବା ସହ ଗଣ୍ଡଗୋଳ ମଧ ହେଉଛି। କିନ୍ତୁ ପ୍ରଶାସନର ଏଥିପ୍ରତି ନଜର ନାହିଁ। କେତେ ଲୋକଙ୍କ ଜୀବନ ଗଲାପରେ ପ୍ରଶାସନର ଚେତା ପଶିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ସରକାର ପ୍ରତ୍ୟେକ ଗାଁକୁ ବିଶୁଦ୍ଧ ଜଳ ଯୋଗାଇ ଦେଉଥିବା କହୁଥିବା ବେଳେ ମାଲକାନଗିରିରେ ଏମିତି ଅନେକ ଅଞ୍ଚଳ ଅଛି, ଯେଉଁଠାରେ କି ଆଜିବି ଲୋକେ ଦୂଷିତ ପାଣି ପିଉଛନ୍ତି। ଭୋଟ ସମୟରେ ଅନେକ ନେତା, ମନ୍ତ୍ରୀ ଆସି ନାନା ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ଭୋଟ ସରିଲେ କେହି ଦେଖା ଦେଉ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମହିଳାମାନେ ପଞ୍ଚାୟତଠାରୁ ଆରମ୍ଭକରି ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଗୁହାରି ଜଣାଉଛନ୍ତି କିନ୍ତୁ ତାଙ୍କ ଗୁହାରି କେହି ଶୁଣୁନାହାନ୍ତି। ଏ ସମ୍ପର୍କରେ ୱାର୍ଡମେମ୍ବର ଅନେକବାର ଜଣାଇ ଆସୁଛନ୍ତି କିନ୍ତୁ ତାଙ୍କ କଥାକୁ ଗୁରୁତ୍ୱ ଦିଆଯାଇନାହିଁ। ଆଗାମୀ ଦିନରେ ପାଣି ଯୋଗାଇ ଦିଆ ନ ଗଲେ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

**ସଂକ୍ଷେପରେ**

## କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ ସହାୟତା



ନାରାୟଣପାଟଣା, ୨୬।୫(ଡି.ଏନ୍.ଏ.) ଗତ ୨୩ ତାରିଖରେ ହୋଇଥିବା କାଳବୈଶାଖୀ ପ୍ରଭାବରେ କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ଲଙ୍ଗଲବେଡ଼ା ପଞ୍ଚାୟତ ଅଧୀନ କାଙ୍କଣପୁଟୁ, ତାଳେଇପେଟା ଏବଂ ରାଇ ୱାଲେଶା ଗ୍ରାମାଞ୍ଚଳରେ ବ୍ୟାପକ କ୍ଷତି ହୋଇଥିଲା। ଖବରପାଇ ନାରାୟଣପାଟଣା ତହସିଲଦାର ଯଦୁମଣି ନାୟକ ଆର୍‌ଆଇ ଏଜମିନ କୁଲେଶିକାଙ୍କ ସହ କ୍ଷତିଗ୍ରସ୍ତ ଅଞ୍ଚଳରେ ପହଞ୍ଚିଥିଲେ। ଉକ୍ତ ୩ ଗ୍ରାମରେ ୨୧ ଘରର ଛପର ଉଡି ଯାଇଥିଲା। ସମ୍ପୃକ୍ତ କ୍ଷତିଗ୍ରସ୍ତଙ୍କୁ ପଲିଥିନ ସିଟ୍ ପ୍ରଦାନ କରାଯାଇଛି। ଜିଲାପାଳ ଅବ୍‌ଦାଲ ଏମ୍. ଅଖତାର ପ୍ରତ୍ୟେକ ପରିବାରକୁ ୫ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଥିବା ଜଣାଯାଇଛି। ଜିଲା ଜରୁରିକାଳୀନ ଅଧିକାରୀ ତଥା ଜିଲା ରେଡ୍‌କ୍ରସ୍ ସମିତି ସମ୍ପାଦକ ଜ୍ଞାନଜିତ ତ୍ରିପାଠୀଙ୍କ ଉଦ୍ୟମରେ ଜିଲା ରେଡ୍‌କ୍ରସ୍ ସମିତି ତରଫରୁ ଏନ୍‌ଡିଆର୍‌ଆର୍‌ର ଜିଲା ସଂଯୋଜକ ଅବନୀକାନ୍ତ ଭୂୟାଁ, ରେଡ୍‌କ୍ରସ୍ ଆଜୀବନ ସଦସ୍ୟ ଶେଖ ଇବ୍ରାହିମ ଏବଂ ଶାହେଦା ପରୱିନ ନାରାୟଣପାଟଣା ତହସିଲଦାରଙ୍କୁ ସାକ୍ଷାତ କରିଥିଲେ। ପରେ ରେଡ୍‌କ୍ରସ୍ ପକ୍ଷରୁ ସେଠାରେ ଘରୋଇ ଉପକରଣ କିଟ୍ ଏବଂ ଟାୱାଲ ଆଦି ବଣ୍ଟନ କରାଯାଇଛି।

## କିଟ୍, କିସ୍ ଦ୍ୱାରା ୫ ଶହ ସେବା ପ୍ରଦାନକାରୀ ସମ୍ମାନିତ

ଜୟପୁର, ୨୬।୫(ନି.ପ୍ର.)- କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଗତ ୧୦ ବର୍ଷ ଧରି ଓଡ଼ିଶା ସମେତ ବିଶ୍ୱର ୧୦୦ରୁ ଉର୍ଦ୍ଧ୍ୱ ଆର୍ଟ ଅଫ୍ ଗିଭିଂ ପାଳନ କରାଯାଉଛି। ଆର୍ଟ ଅଫ୍ ଗିଭିଂ ପକ୍ଷରୁ ସେବାକାରୀଙ୍କୁ ପୁରସ୍କୃତ କରାଯାଉଛି। ଏହି ଅବସରରେ ମଡର୍ନ ସେଲୁନ୍‌ର ପି .ଶିବ ପ୍ରସାଦ ରାଓ ଓ ପି. ଶ୍ରୀନିବାସ ରାଓଙ୍କୁ ସମ୍ମାନିତ କରାଯାଇଛି। କୋରାପୁଟ ଜିଲାରେ କାର୍ଯ୍ୟରତ ୫ଶହ ଆଶାକର୍ମୀ, ଅଙ୍ଗନୱାଡ଼ି, ସଫେଇ କର୍ମଚାରୀ, ଟ୍ରାଫିକ ପୋଲିସ, ନାପିତ, ଆମ୍ବୁଲାନ୍ସ ଓ ଶବବାହକ ଗାଡ଼ି ଡ୍ରାଇଭର, ଅଟୋ ଚାଳକଙ୍କୁ ସମ୍ମାନିତ କରାଯାଇଛି।

## ୩ ପୁତ୍ର ସନ୍ତାନ ଜନ୍ମଦେଲେ ମହିଳା



ଡାବୁଗାଁ, ୨୬।୫ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଜଣେ ମହିଳା ୩ ଶିଶୁପୁତ୍ରଙ୍କୁ ଜନ୍ମ ଦେଇଛନ୍ତି। ନବଜାତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଡାବୁଗାଁ ବ୍ଲକ ବୋରିଗାଁ ପଞ୍ଚାୟତ ଅଧୀନ ପରଶୁବେଡ଼ା ଗ୍ରାମର ସୁକୁରାମ ଭତ୍ରାଙ୍କ ସ୍ତ୍ରୀ ବେଲୁ (୩୦)ଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ଆଣିଥିଲେ। ସେଠାରେ ଶୁକ୍ରବାର ସକାଳେ ସେ ୩ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ନବଜାତମାନଙ୍କ ଓଜନ କମ୍ ଥିବାରୁ ସେମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେମାନଙ୍କୁ ସ୍ୱତନ୍ତ୍ର ଶିଶୁ ଯତ୍ନ କେନ୍ଦ୍ରରେ ରଖାଯାଇ ଚିକିତ୍ସା କରାଯିବ ବୋଲି ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

## ସ୍କୁଲ ରୂପାନ୍ତରଣ ନେଇ ବୈଠକ

ଜୟପୁର, ୨୬।୫(ନି.ପ୍ର.)- ଜୟପୁର ଉପର କୋଲାବ ଯୋଜନା ଉଚ୍ଚ ବିଦ୍ୟାଳୟକୁ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ରୂପାନ୍ତରଣ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜୟପୁର ପୌର ପରିଷଦର ଉପାଧ୍ୟକ୍ଷା ବି.ସୁନୀତା, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୃତ୍ୟୁଞ୍ଜୟ ପଣ୍ଡା, ଉପର କୋଲାବ ଯୋଜନା ତେଲେଙ୍ଗିରି ପ୍ରକଳ୍ପ ଅନୁବିଭାଗୀୟ ଅଧିକାରୀ, ବିଦ୍ୟାଳୟ ଏସ୍‌ଏମ୍‌ସି, ଏସ୍‌ଏମ୍‌ଡିସି, ସ୍କୁଲ ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଯୋଗଦେଇଥିଲେ। ପ୍ରାଥମିକତା ଭିତ୍ତିରେ ସ୍ମାର୍ଟ କ୍ଲାସ୍‌ରୁମ୍, ଲାଇବ୍ରେରି, ଲାବରେଟୋରି, କମ୍ପ୍ୟୁଟର ଲାବ୍, ଟଏଲଟ ରୂପାନ୍ତରଣ ହେବ ବୋଲି ଆଲୋଚନା ହୋଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତପନ କିରଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତେ ଏଥିରେ ସହଯୋଗ କରିଥିଲେ।

# ଲୋକଙ୍କ ଅସୁବିଧା ନ ବୁଝି ବିଡିଓ ସ୍ୱାର୍ଥ ହାସଲ କରୁଥିବା ଅଭିଯୋଗ

- ବିଡିଓଙ୍କ କାର୍ଯ୍ୟକୁ ବିରୋଧକରି ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଭେଟିଲେ ଜିଲା ପରିଷଦ ସଭ୍ୟ
- ଆଗକୁ ଏ ଦିଗରେ ଦୃଷ୍ଟି ଦିଆଯିବା ନେଇ ପ୍ରତିଶ୍ରୁତି ଦେଲେ ଅଧିକାରୀ

କୋରାପୁଟ,୨୬।୫(ସ୍ୱ.ପ୍ର.)



ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଭେଟିବାକୁ ଆସିଥିବା ଜିଲା ପରିଷଦ ସଭ୍ୟମାନେ।

କୋରାପୁଟ ଜିଲାର ବିଡିଓମାନେ ମନମୁଖି କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ଆଣିଛନ୍ତି ଜିଲାର ୧୪ ଜଣ ଜିଲା ପରିଷଦ ସଦସ୍ୟ। ଶୁକ୍ରବାର ସେମାନେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଶିବାଜୀ ଇସ୍‌ଲୱାରଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି।

ଜିଲା ପରିଷଦ ସଦସ୍ୟଙ୍କ କହିବାନୁଯାୟୀ ବ୍ଲକରେ ବିଡିଓ, ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ମିଳିତ ଭାବେ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ସାଧାରଣ ଲୋକଙ୍କ ଅସୁବିଧା ବୁଝିବା ପରିବର୍ତ୍ତେ ନିଜର ଫାଇଦା ହାସଲ କରୁଛନ୍ତି। ଫଳରେ ସରକାରଙ୍କ ପକ୍ଷରୁ ଆସୁଥିବା ଅନୁଦାନ ବାଟ ମାରଣା ହେଉଛି। ସାଧାରଣ ଲୋକେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବିଗତ ଦିନରେ ବିଡିଓଙ୍କ କାର୍ଯ୍ୟକଳାପକୁ ନେଇ ତୁମ୍ବିତୋଫାନ ହୋଇଥିଲା। ଲମତାପୁଟ ବ୍ଲକରେ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ନାମଫଳକରେ ଏମ୍‌ପି ଓ ଜିଲା ପରିଷଦଙ୍କ ନାମ ନ ଥିଲା। ଏହାକୁ ନେଇ ଫଳକ ଭଙ୍ଗାରୁଜା ସହିତ ବିଧାୟକଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରାଯାଇଥିଲା। ବ୍ଲକରେ ସେମାନଙ୍କୁ ଅଣଦେଖା କରାଯାଉଛି ବୋଲି ଜିଲା ପରିଷଦ ସଭ୍ୟମାନେ ଅଭିଯୋଗ କରିଛନ୍ତି। ସେହିଭଳି କୌଣସି ଉନ୍ନତିମୂଳକ କାର୍ଯ୍ୟରେ ସେମାନଙ୍କୁ ଅବଗତ କରାଯାଉନାହିଁ ବୋଲି ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଜିଲାର ବିଭିନ୍ନ ବ୍ଲକରୁ ଭେଟିବାକୁ ଆସିଥିବା ୧୪ ଜଣ ଜିଲା ପରିଷଦ ସଦସ୍ୟ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ କହିଛନ୍ତି।

# ୩୦ରେ ଜିଲାସ୍ତରୀୟ ଯୁବ ଉତ୍ସବ

ଉମରକୋଟ, ୨୬।୫(ସ୍ୱ.ପ୍ର.)

ଉମରକୋଟ କଳିଙ୍ଗ ମଡେଲ ରେସିଡେନସିଆଲ ସ୍କୁଲରେ ଜିଲାସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମ ୩୦ ତାରିଖରେ ଅନୁଷ୍ଠିତ ହେବ। ନବରଙ୍ଗପୁର ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ କାର୍ଯ୍ୟକ୍ରମଟି ପରିଚାଳନା କରିବେ। ଏହି କାର୍ଯ୍ୟକ୍ରମରେ ରଚନା, ଚିତ୍ର, ଫୋଟୋଗ୍ରାଫି,ବକ୍ତୃତା, ଡ୍ୟାନ୍ସ ପ୍ରତିଯୋଗିତା କରାଯିବ। ପ୍ରଥମ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ୯୧୭୮୧୦୮୦୭୦, ୯୯୩୭୪୫୩୨୯୧, ୯୯୩୮୪୨୦୪୩୨ ନମ୍ବରରେ ଯୋଗାଯୋଗ କରି ପ୍ରଥମେ ରେଜିଷ୍ଟ୍ରେସନ କରିବାକୁ ପଡିବ ବୋଲି ନେହେରୁ ଯୁବ ସଙ୍ଗଠନ ନବରଙ୍ଗପୁର ଜିଲା ସଭାପତି ବି. ରମେଶ ସମସ୍ତ କହିଛନ୍ତି। ଅନ୍ୟପଟେ ଉମରକୋଟରେ ଏହିଭଳି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଆୟୋଜନ କରାଯାଉଛି। ଉମରକୋଟରେ ଏହି କାର୍ଯ୍ୟକ୍ରମକୁ ପରିଚାଳନା ପାଇଁ ଇଂ ଚନ୍ଦନା ମଲ୍ଲିକ, ସପନ ବୈରାଗୀ, ଏମ୍. ବିଜୟ କୁମାରଙ୍କ ଉପରେ ଦାଇତ୍ୱ ଦିଆଯାଇଥିବା ସୂଚନା ମିଳିଛି।

# ୨୧ ଚୋରି ମୋବାଇଲ ଫେରାଇଲା ଟାଉନ ପୋଲିସ



ମୋବାଇଲ ଫେରିପାଇଥିବା ହିତାଧିକାରୀ।

କୋରାପୁଟ,୨୬।୫(ସ୍ୱ.ପ୍ର.)

ସହରରୁ ଚୋରି ହୋଇଥିବା ୨୧ଟି ମୋବାଇଲକୁ କୋରାପୁଟ ଟାଉନ ପୋଲିସ ଜବତ କରିଛି। ଉକ୍ତ ମୋବାଇଲଗୁଡ଼ିକୁ ସେମାନଙ୍କ ମାଲିକଙ୍କୁ ଫେରସ୍ତ ଦିଆଯାଇଛି। ଅଭିଯୋଗ ଦେଇଥିବା ବ୍ୟକ୍ତିମାନେ ମୋବାଇଲ ଫେରିପାଇବା ପରେ ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି। ପୋଲିସ ମୋବାଇଲ ଚୋରି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

କୋରାପୁଟ ସହରର ସାପ୍ତାହିକ ହାଟ ଓ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ହେଉଥିବା ମୋବାଇଲ ଚୋରିକୁ ନେଇ ବିଭିନ୍ନ ସମୟରେ କୋରାପୁଟ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଦୂରଦୂରାନ୍ତରୁ ମେଡିକାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଶୋଇଥିବାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ମୋବାଇଲ ଚୋରି କରି ନେଇଯାଉଥିଲେ। ଏ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ କୋରାପୁଟ ଟାଉନ ପୋଲିସ ବିଭିନ୍ନ ଜାଗାରେ ଚଢ଼ାଉକରି ଲେଲିନ୍ ଖୋସ୍‌ଲା,ଗୋବିନ୍ଦ ନାୟକ ଓ ରବି ବିଶ୍ୱାଳଙ୍କୁ ଗିରଫ କରିଛି। ଶୁକ୍ରବାର କୋରାପୁଟ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାସ କୋରାପୁଟ ଟାଉନ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କଠାରୁ ୨୧ଟି ମୋବାଇଲ ଜବତ କରାଯାଇଛି। ମୋବାଇଲଗୁଡ଼ିକୁ ସେମାନଙ୍କ ମାଲିକମାନଙ୍କୁ ଫେରସ୍ତ କରାଯାଇଥିବା ଟାଉନ ଥାନାଧିକାରୀ ଧୀରେନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ବିଭିନ୍ନ ସମୟରେ ବହୁ ସ୍ଥାନରୁ ମୋବାଇଲ ଚୋରି ହେଉଥିବାବେଳେ କୋରାପୁଟ ପୋଲିସ ଚେକିଂକରି ଅଭିଯୁକ୍ତଙ୍କୁ ଧରୁଛି।

# ଜଙ୍ଗଲ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ପଟ୍ଟାଙ୍ଗି, ୨୬।୫(ଡି.ଏନ୍.ଏ.)

ଜମିହୀନ ପରିବାର ସଦସ୍ୟ ପାଇଥିବା ଜଙ୍ଗଲ ଜମି ପଟ୍ଟାରେ କିପରି ଉପକୃତ ହୋଇ ପାରିବେ ଏହାକୁ ଦୃଷ୍ଟିରେ ରଖି ତହସିଲ କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଛି ଜମି ଚିହ୍ନଟ ପ୍ରକ୍ରିୟା। ଉକ୍ତ ଚିହ୍ନଟ ପ୍ରକ୍ରିୟା ପରେ ଜଙ୍ଗଲ ଜମି ପାଇଥିବା ସମସ୍ତ ପରିବାର ସଦସ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇବାରେ ଅନେକ ସହଯୋଗ ହେବ।

ପଟ୍ଟାଙ୍ଗି ତହସିଲ କାର୍ଯ୍ୟାଳୟ ପକ୍ଷରୁ ବ୍ଲକର ବିଭିନ୍ନ ଗ୍ରାମରେ ବସବାସ କରୁଥିବା ୭ ହଜାର ୪୨ଜଣ ପରିବାର ସଦସ୍ୟଙ୍କୁ ଜଙ୍ଗଲ ଜମି ଅଧିକାର ନିୟମାନୁଯାୟୀ ପଟ୍ଟା ପ୍ରଦାନ କରାଯାଇଥିଲା। ଜଙ୍ଗଲ ଜମିକୁ କିପରି ଚିହ୍ନଟ କରାଯାଇ ପରିବାର ସଦସ୍ୟ ସମ୍ପୂର୍ଣ୍ଣ ଅଧିକାର ପାଇପାରିବେ ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ପଦକ୍ଷେପ ନେଇଛନ୍ତି। ସେ ପ୍ରଥମ ପର୍ଯ୍ୟାୟରେ ମାଳିପୁଟ ପଞ୍ଚାୟତର ଖିରାଝୋଲା ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ନେଇ ବୈଠକ କରିଛନ୍ତି। ଜଙ୍ଗଲ ଅଧିକାର ଆଇନର ଶିରୋନାମାଗୁଡିକ ନାମକୁ ମାତ୍ର ଦିଆଯାଇଥିବାବେଳେ ସେମାନଙ୍କ ଜମିକୁ ବର୍ତ୍ତମାନ ପର୍ଯ୍ୟନ୍ତ ଚିହ୍ନଟ କିମ୍ବା ମ୍ୟାପିଙ୍ଗ୍ ମଧ୍ୟ କରାଯାଇ ନ ଥିଲା। ଉକ୍ତ ଗ୍ରାମର ୩୭ ପରିବାରକୁ ମିଳିଥିବା ଜଙ୍ଗଲ ଜମି ଚିହ୍ନଟ କରାଯାଇ ତାଙ୍କୁ ତାଙ୍କର ସମ୍ପୂର୍ଣ୍ଣ ଅଧିକାରୀ ପ୍ରଦାନ କରିବା ପାଇଁ ରାଜସ୍ୱ ନିରୀକ୍ଷକ ଓ ଜଙ୍ଗଲ ବିଭାଗ ମିଳିତରେ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହିପରି କି ଡିଜିଟାଲ ଆପ୍ ମାଧ୍ୟମରେ ଚିହ୍ନଟୀକରଣ ଓ ମ୍ୟାପିଙ୍ଗ୍ ପ୍ରକ୍ରିୟା ଆରମ୍ଭ କରିଛନ୍ତି ତହସିଲଦାର ଧାରୁଆ। ଉକ୍ତ ଗ୍ରାମକୁ ଯାଇ ଲୋକଙ୍କ ସହ ବସି ଆଲୋଚନା କରିବା ସହିତ ପାଇଥିବା ଶିରୋନାମାଗୁଡିକୁ ନିରୀକ୍ଷଣ କରିବା ସହ ଅତିଶୀଘ୍ର ଏହି ପ୍ରକ୍ରିୟା ଆରମ୍ଭ କରିବା ନିମନ୍ତେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଏହା ସହ ଗ୍ରାମରେ ରହିଥିବା ରାଜସ୍ୱ ବିଭାଗୀୟ ସମସ୍ୟା ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।



ଗ୍ରାମରେ ବୈଠକ ଚାଲିଛି।

## ଉପଜିଲାପାଳଙ୍କୁ ଜେସିବି ଚାଳକ ସଂଘର ଦାବିପତ୍ର

ଜୟପୁର,୨୬।୫(ନି.ପ୍ର.)

ଜେସିବି ଚାଳକ ସଂଘ ପକ୍ଷରୁ ଜୟପୁର ଉପଜିଲାପାଳଙ୍କୁ ୧୩ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଅବିଭକ୍ତ କୋରାପୁଟ ଜିଲାରେ ଚଳାଉଥିବା ସମସ୍ତ ଜେସିବି ଚାଳକଙ୍କ ଲାଇସେନ୍ସ ବାଧ୍ୟତାମୂଳକ କରିବା, ଜେସିବି ଚାଳକଙ୍କ ଡ୍ୟୁଟି ୮ ଘଣ୍ଟା କରିବା, ଚାଳକଙ୍କ ଦରମା ବୃଦ୍ଧି, ଚାଳକଙ୍କୁ ମାସକୁ ୩ଟି ଛୁଟି, ପ୍ରତ୍ୟେକ ମାସର ୧ରୁ ୧୦ ତାରିଖ ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟରେ ଦରମା ଦେବାକୁ ଦାବି କରାଯାଇଛି। ମାଲିକମାନେ ୧ ବର୍ଷ ଜଣେ ଚାଳକଙ୍କୁ ନିଯୁକ୍ତି ଦେବେ। ଜେସିବି ମାଲିକମାନେ କାର୍ଯ୍ୟରତ ଅପରେଟରଙ୍କ ସୁବିଧା ପାଇଁ ବୀମା, ପ୍ରତ୍ୟେକ ଚାଳକକୁ ଜଣେ ହେଲ୍‌ପର ଯୋଗାଇଦେବା, ବର୍ଷାଦିନେ କାମ ବନ୍ଦ ଥିବା ସମୟରେ ମାଲିକମାନେ ଦରମାର ୭୫ ପ୍ରତିଶତ ଚାଳକଙ୍କୁ ପୈଠ କରିବାକୁ ଦାବି ହୋଇଛି। ଚାଳକ କାର୍ଯ୍ୟ କରୁଥିବା ସମୟରେ ଦୁର୍ଘଟଣାବଶତଃ ମୃତ୍ୟୁ ଘଟିଲେ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଦାବି ହେଉଛି। କୋରାପୁଟ ଜିଲା ସଭାପତି କୁମ୍ଭ ହରିଜନ, ସମ୍ପାଦକ ଟୋନି ସିଂ, ମାଲକାନଗିରି ଜିଲା ସଭାପତି ବିଶ୍ୱଜିତ ବିଶ୍ୱାସ, କୋଷାଧ୍ୟକ୍ଷ ସୁମନ ରାୟ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଛନ୍ତି।

# ଦଶମନ୍ତପୁର ସରପଞ୍ଚ ଜାଲ୍ ଜାତି ପ୍ରମାଣପତ୍ର ଦେଇଥିବା ଅଭିଯୋଗ

**ତହସିଲଦାରଙ୍କ ନିକଟରେ ଅଭିଯୋଗ କଲେ ସରପଞ୍ଚଙ୍କ ସମ୍ପର୍କୀୟ**

ବୈପାରୀଗୁଡ଼ା, ୨୬।୫(ଡି.ଏନ୍.ଏ.)

ବୈପାରୀଗୁଡା ବ୍ଲକ ଦଶମନ୍ତପୁର ପଞ୍ଚାୟତ ସରପଞ୍ଚଙ୍କ ଜାତି ପ୍ରମାଣ ପତ୍ରକୁ ନେଇ ପୁଣି ଥରେ ବିବାଦ ହୋଇଛି। ଶୁକ୍ରବାର ତାଙ୍କର ସଂପର୍କୀୟ ଲିମାପୁଟ ଗ୍ରାମର ଏମ୍.ନାକାରାଜୁ ବୈପାରୀଗୁଡା ତହସିଲଦାର ସ୍ନିଗ୍ଧା ଚୌଧୁରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଆଦିବାସୀଙ୍କ ପାଇଁ ସଂରକ୍ଷିତ ସରପଞ୍ଚ ଆସନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଆର୍.ଲୋହିତ କୁମାର ଜାଲ୍ ଜାତିଗତ ପ୍ରମାଣ ପତ୍ର ଦେଇଥିବା ଅଭିଯୋଗ ହୋଇଛି।

ଅଭିଯୋଗକାରୀଙ୍କ ବୟାନ ଅନୁସାରେ ସେମାନେ ଆନ୍ଧ୍ରପଦେଶ ବିଜୟନଗରମ ଜିଲାର ମୂଳ ବାସିନ୍ଦା। ସେମାନଙ୍କର ପ୍ରକୃତ ଜାତି ମାଜୁଲା। ଯାହାକି ଏସ୍‌ଇବିସିରେ ଅନ୍ତର୍ଗତ। କିନ୍ତୁ ଆର୍.ରୋହିତ୍ କୁମାର ମାଜୁଲା ବଦଳରେ ମାହାଲି ଦର୍ଶାଇ ଆଦିବାସୀ ପ୍ରମାଣପତ୍ର ହାସଲ କରିଛନ୍ତି। ଏପରିକି ସେମାନଙ୍କ ଚାପରେ ନିଜେ ଅଭିଯୋଗକାରୀ ପୂର୍ବରୁ ଆଦିବାସୀ ପ୍ରମାଣ ପତ୍ର କରାଇଥିଲେ ବୋଲି କହିଛନ୍ତି। ସେ କିନ୍ତୁ ପରେ ନିଜର ଭୁଲ ବୁଝିପାରି ଗତ ୨୦୨୨ ରେ ବୈପାରୀଗୁଡା ତହସିଲଦାରଙ୍କୁ ଉକ୍ତ ଜାଲ ଜାତିଗତ ପ୍ରମାଣପତ୍ର ଫେରାଇ ଦେଇଥିବା କହିଥିଲେ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ସ୍ନିଗ୍ଧା ଚୌଧୁରୀଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ ଚାଲିଛି। ସତ୍ୟତା ପ୍ରମାଣିତ ହେଲେ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏ ନେଇ ସରପଞ୍ଚ ଆର୍.ଲୋହିତ କୁମାରଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ଦେଇଥିବା ଜାତିଗତ ପ୍ରମାଣପତ୍ର ଜାଲ ନୁହେଁ ବୋଲି କହିଛନ୍ତି। ଏଠାରେ ସୂଚନାଯୋଗ୍ୟଯେ ଏହା ପୂର୍ବରୁ ପରାଜିତ ସରପଞ୍ଚ ପ୍ରାର୍ଥୀ ଶ୍ୟାମସୁନ୍ଦର ନାୟକ ମଧ୍ୟ କୋରାପୁଟ ଜିଲାପାଳଙ୍କ ନିକଟରେ ସମାନ ଅଭିଯୋଗ କରିଥିଲେ।



ତହସିଲଦାର ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

## ତେନ୍ତୁଲିଖୁଣ୍ଟିରେ ନୂତନ ବିଡିଓଙ୍କ ଯୋଗଦାନ

ତେନ୍ତୁଲିଖୁଣ୍ଟି, ୨୬।୫ (ଡି.ଏନ୍.ଏ.)



ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ନୂତନ ବିଡିଓ ଭାବେ ମନୋଜ କୁମାର ପାଣିଗ୍ରାହୀ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ଲାଞ୍ଜିଗଡ଼ ତହସିଲରେ ଆଡିସିନାଲ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ଜନସାଧାରଣଙ୍କ ସମସ୍ୟା ସମାଧାନ କରିବା ସହ ରାଜ୍ୟ ସରକାରଙ୍କ ୫-ଟି କୁ ସୁଚାରୁରୂପେ ପାଳନ କରିବି ବୋଲି ନୂତନ ବିଡିଓ କହିଛନ୍ତି। ତେନ୍ତୁଲିଖୁଣ୍ଟି ବିଡିଓ ଥିବା ଦୁର୍ଯ୍ୟୋଧନ ଭୋଇଙ୍କୁ ଡେପୁଟି କଲେକ୍ଟର ଭାବେ ନବରଙ୍ଗପୁର ବଦଳି କରାଯାଇଛି।

# ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚର ୮ ଦଫା ଦାବିପତ୍ର

ତେନ୍ତୁଲିଖୁଣ୍ଟି, ୨୬।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାରେ ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ୨୦୧୨ ସଂଶୋଧିତ ଆଇନ ଠିକ ରୂପେ କାର୍ଯ୍ୟକାରୀ କରା ଯାଉନି। ବିକାଶ ମୂଳକ କାର୍ଯ୍ୟ ଜଙ୍ଗଲ ଜମିରେ କରିବାବେଳେ ମଧ୍ୟ ଗ୍ରାମ ସଭା କରିବା ନିୟମ ଥିଲେ ମଧ୍ୟ କରାଯାଉନି। ଏଣୁ ଓଡିଶା ଆଦିବାସୀ ଅଧିକାର ମଞ୍ଚ ତେନ୍ତୁଲିଖୁଣ୍ଟି ସାଂଗଠନିକ କମିଟି ଆଠ ଦଫା ଦାବିପତ୍ର ଦେଇଛି। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ହିମାଂଶୁ ଶେଖର ନାୟକ,ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓକୃପାସିନ୍ଧୁ ନାୟକ ଓ ଫରେଷ୍ଟର ଅମିତ କୁମାର ଦାସ ଦାବିପତ୍ର ଗ୍ରହଣ କରିଛନ୍ତି।

୧୯୯୬ ପେଶା ଆଇନ ସମ୍ପର୍କରେ ଅଜ୍ଞତା ଯୋଗୁ ତାର ଫାଇଦା ରୁ ବଞ୍ଚିତ ହେଉଛନ୍ତି ଜନତା। ଏଣୁ ଉକ୍ତ ଆଇନ ସମ୍ପର୍କରେ ଶିକ୍ଷା ଦେବାକୁ ସଚେତନତା ଓ ତାଲିମ ଶିବିର କରିବାକୁ ଦାବି ହୋଇଛି। ଯଥାଶୀଘ୍ର ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ୨୦୧୨ ସଂଶୋଧିତ ଆଇନ ଅନୁସାରେ ସମସ୍ତ ଜଙ୍ଗଲ ଗ୍ରାମରେ ସର୍ଭେ କରି ଜଙ୍ଗଲ ଅଧିକାର କମିଟି ଗଠନ କରିବାକୁ ଦାବି ହୋଇଛି। ୨୦୦୫ ଡିସେମ୍ବର ୧୩ ପୂର୍ବରୁ ଆଦିବାସୀ ଓ ଅଣଆଦିବାସୀ ଦଖଲ କରିଥିବା ଗ୍ରାମ୍ୟ ଜଙ୍ଗଲ କିସମ, ବଡ଼ ଜଙ୍ଗଲ କିସମ, ପଥରା କିସମ ଜମି ଉପରୁ ରାଜସ୍ୱ ବିଭାଗ ବେଆଇନ ଦଖଲ ନାମରେ ଆଦାୟ କରୁଥିବା ଫାଇନ ବନ୍ଦ କରିବା, ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧିତ ଆଇନ୨୦୧୨ ଅନୁଯାୟୀ ଆଦିବାସୀ ଓ ଅଣଆଦିବାସୀଙ୍କୁ ସେମାନଙ୍କ ଦଖଲ ରେ ଥିବା ଜଙ୍ଗଲ ଜମିପଟ୍ଟା ପ୍ରଦାନ କରିବାକୁ ଦାବି କରିଛନ୍ତି ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ତେନ୍ତୁଲିଖୁଣ୍ଟି ସାଙ୍ଗଠନିକ କମିଟି ଆବାହକ ସୁବାସ ସାନ୍ତା, ରାଜେଶ ଜାନୀ, ଚତୁର ସିଂ ନାୟକ ଓ ବିପିନ ବିହାରୀ ବାଘ। ଦାବିପତ୍ର ପ୍ରଦାନ ବେଳେ ସେମାନଙ୍କ ସମେତ ଶତାଧିକ ଜନତା ଉପସ୍ଥିତ ଥିଲେ। ଜଙ୍ଗଲ ଅବକ୍ଷୟ ହେଉଥିବାରୁ ଜଙ୍ଗଲ ବିଭାଗ ନୂତନ ଜଙ୍ଗଲ ସୃଷ୍ଟି ପ୍ରୟାସ କରୁଛି। ଏହାକୁ କିଛି ସ୍ଥାନରେ ବିରୋଧ କରାଯାଉଛି। ଏଥିପାଇଁ ଜନତାଙ୍କ ସହଯୋଗ ଆବଶ୍ୟକ ବୋଲି ଫରେଷ୍ଟର ଅମିତ କୁମାର କହିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସର ଧାରଣା

କୋରାପୁଟ,୨୬।୫(ସ୍ୱ.ପ୍ର.)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ନୂତନ ସଂସଦ ଭବନକୁ ଉଦ୍‌ଘାଟନ କରିବା ଦାବିରେ କୋରାପୁଟ ଜିଲା କଂଗ୍ରେସ ଆଦିବାସୀ ବିଭାଗ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଆସନ୍ତା ୨୮ରେ ଦିଲ୍ଲୀରେ ହେବାକୁ ଥିବା ନୂତନ ସଂସଦ ଭବନ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନିମନ୍ତ୍ରଣ କରାଯାଇ ନାହିଁ। ଏହା ଏକ ଦୁର୍ଭାଗ୍ୟ ଜନକ ବିଷୟ ବୋଲି ଜିଲା କଂଗ୍ରେସ ଆଦିବାସୀ ବିଭାଗର ସଦସ୍ୟ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାର ଆଦିବାସୀମାନଙ୍କୁ ଅଗ୍ରାଧିକାର ଦେଉଛି ବୋଲି ଡେଙ୍ଗୁରା ପିଟୁଥିବା ବେଳେ ଏହା ବାସ୍ତବତା କେତେ ବୋଲି ତାହା ଏହି ଘଟଣାରୁ ବାରି ହେଉଛି ବୋଲି କଂଗ୍ରେସ କହିଛି। ଏହି ଧାରଣାରେ କଂଗ୍ରେସର ପୂର୍ବତନ ବିଧାୟକ ନିମାଇଁ ସରକାର, ରାମଚନ୍ଦ୍ର କାଡାମ, କଂଗ୍ରେସ ଯୁବ ନେତା ରୂପକ ତୁରୁକଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ସାମିଲ ଥିଲେ।



ଧାରଣାରେ ବସିଥିବା କଂଗ୍ରେସ ନେତା ଓ କର୍ମୀମାନେ।

# ନିରାଶ ହେଲେ ତେନ୍ତୁଲିଖୁଣ୍ଟିବାସୀ

**ପାପଡ଼ାହାଣ୍ଡି, କୋଷଗୁମୁଡ଼ାରେ ଯୁକ୍ତ ୩ କଲେଜକୁ ସବୁଜ ସଙ୍କେତ**

ତେନ୍ତୁଲିଖୁଣ୍ଟି, ୨୬।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାର ତେନ୍ତୁଲିଖୁଣ୍ଟି, ପାପଡ଼ାହାଣ୍ଡି ଓ କୋଷାଗୁମୁଡ଼ା ବ୍ୟତୀତ ଅନ୍ୟ ୭ ବ୍ଲକରେ ଯୁକ୍ତ ୩ ମହାବିଦ୍ୟାଳୟ (ସରକାରୀ, ଅନୁଦାନପ୍ରାପ୍ତ ନ ହେଲେ ଘରୋଇ) ରହିଛି। ପାପଡ଼ାହାଣ୍ଡି ଓ କୋଷାଗୁମୁଡ଼ା ବ୍ଲକରେ ଯୁକ୍ତ ୩ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସବୁଜ ସଙ୍କେତ ମିଳିଥିବା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ ତଥା ଡାବୁଗାଁ ବିଧାୟକ କହିଛନ୍ତି। ତେନ୍ତୁଲିଖୁଣ୍ଟି ବ୍ଲକରେ ଉଚ୍ଚ ଶିକ୍ଷା ପାଇଁ ଯୁକ୍ତ୨ ମାଧ୍ୟମିକ ବିଦ୍ୟାଳୟ ବ୍ୟତୀତ କିଛି ନାହିଁ। ଯୁକ୍ତ ୩ ପଢ଼ିବାକୁ ହେଲେ ୪୦ କି.ମି. ଦୂର ନବରଙ୍ଗପୁର ବିନୋଦ ବିହାରୀ ମହାବିଦ୍ୟାଳୟ, ନବରଙ୍ଗପୁର ଡିଗ୍ରୀ କଲେଜ ଅବା ମହିଳା ମହାବିଦ୍ୟାଳୟରେ ନାମ ଲେଖାଇବାକୁ ପିଲାମାନେ ବାଧ୍ୟ। ଗରିବ ଶ୍ରେଣୀର ଛାତ୍ରୀଛାତ୍ର ଯୁକ୍ତ ୨ ପରେ ଦୂରରେ ଯାଇ ପଢ଼ିବାକୁ ସକ୍ଷମ ହେଉ ନ ଥିବାରୁ ବାଧହୋଇ ତାଙ୍କ ପାଠପଢ଼ାରେ ଡୋରି ବନ୍ଧାହେଉଛି। ଆଇଟିଆଇ କଲେଜଟିଏ ମଧ୍ୟ ଏଠାରେ ନାହିଁ। କୌଶଳ ବୃଦ୍ଧି ତାଲିମ କେନ୍ଦ୍ର ପାଇଁ ତତ୍କାଳୀନ ଜିଲାପାଳ ଶିବବ୍ରତ ଦାସ ପୁରୁଣା ନବୋଦୟ କୋଠାର ଶୁଭ ଦେଇଥିଲେ। ତାହା ଇନ୍ଦ୍ରାବତୀ କେନାଲ ଡଳମୁଣ୍ଡକୁ ଜଳ ସଚନ ସୁବିଧା ଯୋଗାଇବା ଭଳି ଫଳକରେ ହିଁ ରହିଗଲା।

ତେନ୍ତୁଲିଖୁଣ୍ଟି ବ୍ଲକରେ ୨୦ଟି ଉଚ୍ଚ ବିଦ୍ୟାଳୟ ଥିବାବେଳେ କେବଳ ଗୋଟିଏ ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଏଠି କଳାରେ ୨୫୬ ଓ ବିଜ୍ଞାନରେ ୧୨୮ ସିଟ ଅଛି। ବ୍ଲକରେ ଗୋଟିଏ ଘରୋଇ ଅରବିନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ୬୪ ସିଟ ରହିଛି। ଜିଲା ସାକ୍ଷରତା ହାର ତେନ୍ତୁଲିଖୁଣ୍ଟି ବ୍ଲକରେ ସର୍ବାଧିକ। ତଥାପି ଏଠାରେ ଯୁକ୍ତ ୩ ଓ ବୈଷୟିକ ଶିକ୍ଷାନୁଷ୍ଠାନ ପାଇଁ ଉଦ୍ୟମ ନ ହେବା ଉଦ୍‌ବେଗଜନକ। ପଡୋଶୀ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକରେ ଯୁକ୍ତ ୩ ମହାବିଦ୍ୟାଳୟ ପାଇଁ ମଧ୍ୟ ସବୁଜ ସଙ୍କେତ ମିଳିଛି। ତେନ୍ତୁଲିଖୁଣ୍ଟି ବ୍ଲକରେ ଅଧିକାଂଶ ଛାତ୍ରୀଛାତ୍ର ତଫସିଲଭୁକ୍ତ ଜାତି ଓ ଜନଜାତି ବର୍ଗର। ରାଜ୍ୟରେ ଯୁକ୍ତ ୩ କଲେଜ ନ ଥିବା ହାତଗଣତି ବ୍ଲକ ମଧ୍ୟରେ ତେନ୍ତୁଲିଖୁଣ୍ଟି ଅନ୍ୟତମ ବୋଲି ଉଚ୍ଚ ଶିକ୍ଷାମନ୍ତ୍ରୀ ବିଧାନସଭାରେ କହିବା ପରେ ବ୍ଲକ ବାସୀଙ୍କୁ ବେଶ୍ ଆଘାତ ଲାଗିଛି। ସ୍ଥାନୀୟ ଜନ ପ୍ରତିନିଧିଙ୍କ ଦୁର୍ବଳତା ନେଇ ଚର୍ଚ୍ଚା ହେଉଛି। ଏହା ମଧ୍ୟରେ ବର୍ତ୍ତମାନ କୋଷାଗୁମୁଡ଼ା ଓ ପାପଡାହାଣ୍ଡି ବ୍ଲକ ପାଇଁ ସବୁଜ ସଙ୍କେତ ମିଳିଛି। ଏହା କାହା ଅପାରଗତା ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଏ ନେଇ ବିଧାୟକ ସଦାଶିବ ପ୍ରଧାନୀଙ୍କୁ ପଚାରିବାରୁ କହିଲେ, ତେନ୍ତୁଲିଖୁଣ୍ଟି ବ୍ଲକରେ ଆଗାମୀ ଦିନରେ ଯୁକ୍ତ ୩ ମହାବିଦ୍ୟାଳୟ ଖୋଲିବ। କିନ୍ତୁ ଚଳିତ ଶିକ୍ଷା ବର୍ଷରେ କି ଆସନ୍ତା ଶିକ୍ଷା ବର୍ଷରେ ସେ ତାହା ସ୍ପଷ୍ଟ କଲେନାହିଁ। ସୂଚନା ଥାଉକି ବର୍ତ୍ତମାନ ଯେଉଁ ବ୍ଲକରେ ଯୁକ୍ତ ୩ କଲେଜ ନାହିଁ ସେଠାରେ ନୂତନ କଲେଜ ଖୋଲିବା ନେଇ କୌଣସି ଯୋଜନା ନ ଥିବା ବିଧାନସଭାରେ ମନ୍ତ୍ରୀ କହିଥିଲେ। କିନ୍ତୁ ଡାବୁଗାଁ ବିଧାୟକଙ୍କ ନିର୍ବାଚନୀମଣ୍ଡଳୀର ଦୁଇ ବ୍ଲକରେ ନୂତନ କଲେଜ ଖୋଲିବା ପାଇଁ ସବୁଜ ସଙ୍କେତ ମିଳିଛି। ତେନ୍ତୁଲିଖୁଣ୍ଟି ବ୍ଲକ ଏବେ ଏଥିରୁ ବଞ୍ଚିତ। ଏ ନେଇ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଏମ୍‌ପି ରମେଶ ମାଝିଙ୍କୁ ଯୋଗାଯୋଗ କରିବାରୁ ଆମର ଏକ କମିଟି ଗଠନ ହୋଇଛି। ଜିଲାରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଖୁବ୍‌ଶୀଘ୍ର ଭଲ ଖବର ମିଳିବ ବୋଲି ସେ କହିଛନ୍ତି।

